# ଆମ ଜଙ୍ଗଲ ଯୋଜନା

# ବାର୍ଷିକ ବିବରଣୀ

## ୨୦୨୩-୨୪

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (OFSDS)
ରାଜ୍ୟ ବନପାଳ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ପରିସର, ଘାଟିକିଆ, ଭୁବନେଶ୍ୱର-୭୫୧୦୨୯
ଦୁରାଭାସ : 0674-2386084, 2386016
ଇ-ମେଲ୍: ajy.ofsds@gmail.com / webmail@ofsdp.org

**ଆମ ଜଙ୍ଗଲ ଯୋଜନା**

**ବାର୍ଷିକ ବିବରଣୀ ୨୦୨୩-୨୪**

**ପ୍ରକାଶକ**

ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
ରାଜ୍ୟ ବନପାଳ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସର
ଘାଟିକିଆ, ଭୁବନେଶ୍ୱର-୭୫୧୦୨୯
ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ
ଓଡ଼ିଶା ସରକାର

**ପ୍ରସ୍ତୁତକର୍ତ୍ତା**

ରାଜ୍ୟ ପ୍ରକଳ୍ପ ପରିଚାଳନା ଏକକ, ଓଏଫଏସଡିଏସ
© ୨୦୨୪ ସତ୍ତ୍ୱାଧିକାର
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
ପ୍ରକାଶନର ଇଣ୍ଟରନେଟ ଉପଲବ୍ଧି:

www.ofsds.in / publications
webmail@ofsdp.org
0674-2386084, 2386016
ପ୍ରକାଶନ: ନଭେମ୍ବର, ୨୦୨୪

**ଡିଜାଇନ ପ୍ରସ୍ତୁତି ଏବଂ ମୁଦ୍ରଣ**

କେତକୀ ଏଣ୍ଟରପ୍ରାଇଜେସ୍ ପ୍ରା: ଲିମିଟେଡ
ଥାର୍ଡ ଆଇ କମ୍ୟୁନିକେସନ୍ସ୍, ଭୁବନେଶ୍ୱର
thirdeyecoindia@gmail.com

# ସୂଚୀପତ୍ର


| ଅଧ୍ୟାୟ | ବିଷୟବସ୍ତୁ | ପୃଷ୍ଠା ସଂଖ୍ୟା |
|---|---|---|
| • | ପୂର୍ବାଭାସ | |
| • | ମୁଖବନ୍ଧ | |
| • | ପ୍ରକଳ୍ପ ଉପଲବ୍ଧି | |
| ୧ | ଆମ ଜଙ୍ଗଲ ଯୋଜନା ବିଷୟରେ | ୧ |
| ୨ | ଗୋଷ୍ଠୀ ସଞ୍ଚାଳନ ଓ ଅନୁଷ୍ଠାନ ଗଠନ | ୯ |
| ୩ | ବନ ସୁରକ୍ଷା ସମିତିକୁ ହସ୍ତାନ୍ତରିତ ଉପଚାର କ୍ଷେତ୍ରର ସର୍ବେକ୍ଷଣ ଏବଂ ସୀମା ନିର୍ଦ୍ଧାରଣ | ୧୭ |
| ୪ | ସହଯୋଗ ମୂଳକ ଗ୍ରାମୀଣ ଅବଧାରଣା ଏବଂ ଅଣୁ ଯୋଜନା ପ୍ରସ୍ତୁତି | ୧୯ |
| ୫ | ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ (SMC) | ୨୧ |
| ୬ | ଜଙ୍ଗଲର ସୁରକ୍ଷା ଏବଂ ପୁନରୁଦ୍ଧାର କାର୍ଯ୍ୟକ୍ରମ: ସହାୟକ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ | ୨୨ |
| ୭ | ବନ ସୁରକ୍ଷା ସମିତି ଗୃହ ତଥା ରୋଜଗାର ସହାୟତା କେନ୍ଦ୍ର | ୨୯ |
| ୮ | ଦକ୍ଷତା ବିକାଶ ପଦକ୍ଷେପ | ୩୩ |
| ୯ | ଆମ ଜଙ୍ଗଲ ଯୋଜନା ଅଧୀନରେ ଆନ୍ତଃ-ବିଭାଗୀୟ ସମନ୍ୱୟ ମାଧ୍ୟମରେ ଜୀବିକା ଉନ୍ନୟନ | ୩୭ |
| ୧୦ | ଆମ ଜଙ୍ଗଲ ଯୋଜନା ଅଧିନସ୍ଥ କାର୍ଯ୍ୟକ୍ରମର ତଦାରଖ | ୫୦ |
| ୧୧ | ଆର୍ଥିକ ପରିଚାଳନା | ୫୩ |
| ୧୨ | ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ | ୫୮ |
| ୧୩ | ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆମ ଜଙ୍ଗଲ ଯୋଜନାର କାର୍ଯ୍ୟ ଯୋଜନା (ଆକ୍ସନ ପ୍ଲାନ) | ୬୦ |
| ୧୪ | ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନାର କାର୍ଯ୍ୟନିର୍ବାହୀ ଦଳ | ୬୨ |
| ୧୫ | ବନଖଣ୍ଡୀୟ ପରିଚାଳନା ଏକକ (ଡିଭିଜନାଲ ମ୍ୟାନେଜମେଣ୍ଟ ୟୁନିଟ) ଗୁଡ଼ିକୁ ସହାୟତା ସେବା | ୬୪ |

# ପୂର୍ବାଭାସ

ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ତାପନର ସାମ୍ପ୍ରତିକ ପରିସ୍ଥିତିରେ ଜଙ୍ଗଲର ସୁରକ୍ଷା ଏବଂ ପୁନରୁଦ୍ଧାରକୁ ପ୍ରାଥମିକ କ୍ଷେତ୍ର ଭାବରେ ବିବେଚନା କରାଯାଇଛି। ପ୍ରତ୍ୟେକ ନାଗରିକ ସେମାନଙ୍କ ନିଜ ନିଜ ବାସସ୍ଥାନ ଏବଂ ଆଖପାଖ ଅଞ୍ଚଳରେ ସବୁଜ ପରିବେଶ ବୃଦ୍ଧି କରିବା ଆବଶ୍ୟକ ହୋଇପଡିଛି। ଏହି ଉଦବେଗଜନକ ସମସ୍ୟାର ମୁକାବିଲା ପାଇଁ ସରକାର ସମସ୍ତ ପ୍ରୟାସ ସହିତ ଅବକ୍ଷୟିତ ଜଙ୍ଗଲର ପୁନରୁଦ୍ଧାର ଏବଂ ନୂତନ ଜଙ୍ଗଲ ସୃଷ୍ଟି ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ଆମ ଜଙ୍ଗଲ ଯୋଜନା (AJY) ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଏହି ଦିଗରେ ଏକ ଅନନ୍ୟ କାର୍ଯ୍ୟକ୍ରମ। ଆମ ଜଙ୍ଗଲ ଯୋଜନାର ଲକ୍ଷ୍ୟ ହେଉଛି ସୁ-ସ୍ଥାୟୀ ଜଙ୍ଗଲ ପରିଚାଳନାକୁ ପ୍ରୋତ୍ସାହିତ କରିବା ସହିତ ଜଙ୍ଗଲ ସୀମାନ୍ତ ଅଞ୍ଚଳରେ ବାସ କରୁଥିବା ସମୁଦାୟ ମଧ୍ୟରେ ବିକଳ୍ପ ଜୀବିକା ସୁଯୋଗ ସୃଷ୍ଟି କରିବା, ଯାହା ଦ୍ୱାରା ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳତା ହ୍ରାସ ପାଇବ, ଫଳତଃ ଏହା ଦ୍ୱାରା ଜଙ୍ଗଲ ସମ୍ପଦକୁ ସୁରକ୍ଷିତ ରଖାଯାଇପାରିବ।

ଜଙ୍ଗଲର ସୁରକ୍ଷା ଓ ପୁନରୁଦ୍ଧାର ଏବଂ ଜଙ୍ଗଲ ସୀମାନ୍ତ ଗ୍ରାମରେ ବସବାସ କରୁଥିବା ସମୁଦାୟ ମାନଙ୍କର ଜୀବିକା ଉପରେ ଗୁରୁତ୍ୱ ଦେବା ସହିତ ଯୁଗ୍ମ ଜଙ୍ଗଲ ପରିଚାଳନା ପଦ୍ଧତି ମାଧ୍ୟମରେ ଆମ ରାଜ୍ୟରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ କରାଯାଉଛି। ୨୦୧୬-୧୭ ମସିହାରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ବର୍ତ୍ତମାନ ବନ ସୁରକ୍ଷା ସମିତି (VSS) ଜରିଆରେ ରାଜ୍ୟର ୨୨ଟି ଜଙ୍ଗଲ ଓ ବନ୍ୟପ୍ରାଣୀ ବନଖଣ୍ଡରେ କାର୍ଯ୍ୟକାରୀ ହେଉଅଛି। ସମ୍ପ୍ରତି ଏହି ଯୋଜନା କାର୍ଯ୍ୟକାରୀ ହେବାର ଅଷ୍ଟମ ବର୍ଷ ପୂରଣ କରିଛି, ଯେଉଁଥିରେ ଏଯାବତ ୪,୬୦୧ ବନ ସୁରକ୍ଷା ସମିତି (VSS) ଏବଂ ୧୪,୨୬୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପାରିଛି। ଏହାବ୍ୟତୀତ ୧୫ ଗୋଟି ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (Partner NGO)ଏହି ପ୍ରକଳ୍ପ ଅଧୀନରେ ଗୋଷ୍ଠୀ ବିକାଶ ଏବଂ ଜୀବିକା ପ୍ରୋତ୍ସାହନ କାର୍ଯ୍ୟରେ ନିୟୋଜିତ ରହି ଅବିଶ୍ରାନ୍ତ ଭାବରେ କାର୍ଯ୍ୟ କରି ଆସୁଛନ୍ତି।

କାର୍ଯ୍ୟକାରୀ ହେବାର ଅଷ୍ଟମ ବର୍ଷ ମଧ୍ୟରେ ଜଙ୍ଗଲର ସୁରକ୍ଷା ଏବଂ ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମ୍ପ୍ରଦାୟର ଜୀବିକା ପ୍ରୋତ୍ସାହନ କ୍ଷେତ୍ରରେ ଆମ ଜଙ୍ଗଲ ଯୋଜନାର ପ୍ରଭାବ ଉଲ୍ଲେଖନୀୟ ବୋଲି ପ୍ରମାଣିତ। ଏହି ଯୋଜନା ଅବଧି ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୟୁନ ୨,୩୦,୫୨୩ ହେକ୍ଟର ଆବଣ୍ଟିତ ଜଙ୍ଗଲ ଜମିର ସୁରକ୍ଷିତ ପୁନରୁଦ୍ଧାର କରାଯାଇଅଛି। ଅତ୍ୟନ୍ତ ପ୍ରେରଣାଦାୟକ କଥା ଏହିକି ଯେ, ସାରା ରାଜ୍ୟରେ ଦୀର୍ଘ ଦିନ ଧରି ଶୁଖିଲା ପାଗ ଏବଂ ବନାଗ୍ନିର ଆଶଙ୍କା ସତ୍ତ୍ୱେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ଜଙ୍ଗଲ ଅଞ୍ଚଳରେ କୌଣସି ବଡ଼ ଧରଣର ଅଗ୍ନିକାଣ୍ଡ ଘଟଣା ନଜରକୁ ଆସିନାହିଁ। ଏହା ବନ ସୁରକ୍ଷା ସମିତିର ସଦସ୍ୟ ଏବଂ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଦଳ ମାନଙ୍କର ଆନ୍ତରିକ ଉଦ୍ୟମ ଫଳରେ ସମ୍ଭବ ହୋଇପାରିଛି। ଏହା ବ୍ୟତୀତ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅଧୀନରେ ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ଆମ ଜଙ୍ଗଲ ଯୋଜନା ଅଧୀନରେ ଆନ୍ତଃ-ବିଭାଗୀୟ ସମନ୍ୱୟ ମାଧ୍ୟମରେ ୩୦.୭୨ ଲକ୍ଷ ଲୋକ ଉପକୃତ ହୋଇଛନ୍ତି। ପ୍ରକଳ୍ପ ଅଂଶୀଦାରମାନଙ୍କ ସାମର୍ଥ୍ୟ ଏବଂ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସ୍ତରରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ଆମ ଜଙ୍ଗଲ ଯୋଜନାର ବାର୍ଷିକ ବିବରଣୀ-୨୦୨୩-୨୪ରେ ଏହି ଯୋଜନାର ବିଭିନ୍ନ ଉପାଦାନ ଅଧୀନରେ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ରହିଛି। ଏହି ଯୋଜନା ଅଧୀନରେ ହୋଇଥିବା ଅଗ୍ରଗତି ଏବଂ ଉପଲବ୍ଧି ଉପରେ ଏହା ଏକ ଉପଯୋଗୀ ସୂଚନା ପୁସ୍ତିକା ଭାବରେ କାର୍ଯ୍ୟ କରିବ।

ଆମ ଜଙ୍ଗଲ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ସମସ୍ତ ବନ ସୁରକ୍ଷା ସମିତି ସଦସ୍ୟ, ବିଭାଗୀୟ ବନ ଅଧିକାରୀ, କ୍ଷେତ୍ର କର୍ମଚାରୀ, ସହାୟକ କର୍ମଚାରୀ ଏବଂ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ଜଡ଼ିତ ଅଛନ୍ତି ଏବଂ ସେମାନଙ୍କ କଠିନ ପରିଶ୍ରମ ପାଇଁ ହିଁ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରକଳ୍ପ କାର୍ଯ୍ୟକ୍ରମରେ ଯଥେଷ୍ଟ ଅଗ୍ରଗତି ହୋଇ ପାରିଛି। ପ୍ରକଳ୍ପ କାର୍ଯ୍ୟକ୍ରମର ତଦାରଖ କରିବା ସହ ଏହି ବିବରଣୀ ପ୍ରକାଶନ ପାଇଁ ପ୍ରକଳ୍ପ ପରିଚାଳନା ଏକକ (PMU) ଅନ୍ତର୍ଗତ ଆମ ଜଙ୍ଗଲ ଯୋଜନା କକ୍ଷର ପ୍ରୟାସ ମଧ୍ୟ ଅତ୍ୟନ୍ତ ପ୍ରଶଂସନୀୟ।

**ଡଃ ମୀତା ବିଶ୍ୱାଳ,** ଭାରତୀୟ ବନ ସେବା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶୀକା
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି

# ମୁଖବନ୍ଧ

ଓଡ଼ିଶାର ୨୨ଟି ବନଖଣ୍ଡ ଅନ୍ତର୍ଗତ ୪.୨ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରି ଆମ ଜଙ୍ଗଲ ଯୋଜନା ଏହାର ଅଷ୍ଟମ ବର୍ଷ ପୂରଣ କରିଛି। ଜନସାଧାରଣଙ୍କ ଭାଗିଦାରୀ ମାଧ୍ୟମରେ ଜଙ୍ଗଲ ସୀମାନ୍ତରେ ରହୁଥିବା ସମ୍ପ୍ରଦାୟର ଜଙ୍ଗଲ କୈନ୍ଦ୍ରିକ ସାମଗ୍ରିକ ବିକାଶ ଆମ ଜଙ୍ଗଲ ଯୋଜନାର ମୁଖ୍ୟ ଆଭିମୁଖ୍ୟ। ଏହି ଯୋଜନାରେ ବିଦ୍ୟମାନ ଜଙ୍ଗଲ ଅଞ୍ଚଳର ସୁରକ୍ଷା ଏବଂ ଅବକ୍ଷୟିତ ଜଙ୍ଗଲର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଆରୋପ କରାଯାଇଛି, ଯେଉଁଥିରେ ଜଙ୍ଗଲ ସୀମାନ୍ତରେ ବାସ କରୁଥିବା ସମ୍ପ୍ରଦାୟର ଜୀବିକା ପ୍ରୋତ୍ସାହନ ସହିତ ପ୍ରାକୃତିକ ସମ୍ପଦ ପରିଚାଳନାର ବିଭିନ୍ନ ଦିଗ ଉପରେ ଦକ୍ଷତା ବିକାଶ ଅନ୍ତର୍ଭୁକ୍ତ। ରାଜ୍ୟର ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୪୬୦୧ ଗ୍ରାମ ଅନ୍ତର୍ଗତ ୪.୨ ଲକ୍ଷ ପରିବାର ଏହି ଯୋଜନା ମାଧ୍ୟମରେ ସିଧାସଳଖ ଉପକୃତ ହୋଇଛନ୍ତି। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ୮ ବର୍ଷ ମଧ୍ୟରେ ଏହାର ଫଳାଫଳ ଉତ୍ସାହଜନ ଏବଂ ଗୋଷ୍ଠୀ ସମୁଦାୟଙ୍କ ସାମଗ୍ରିକ ବିକାଶ ଉପରେ ବିଶେଷ ପ୍ରଭାବ ପକାଇଛି। ଆମ ଜଙ୍ଗଲ ଯୋଜନା ହେଉଛି ସ୍ୱଳ୍ପ କିଛି ପ୍ରକଳ୍ପ ମଧ୍ୟରୁ ଅନ୍ୟତମ ଯାହା ରାଜ୍ୟର ସବୁଠାରୁ ଦୁର୍ଗମ ଏବଂ ଅପହଞ୍ଚ ଅଞ୍ଚଳରେ ପହଞ୍ଚି ପାରିଛି।

ନିୟମିତ ପ୍ରକଳ୍ପ କାର୍ଯ୍ୟ ସହିତ ବନାଗ୍ନି କବଳରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଚଳିତ ବର୍ଷ ସ୍ୱତନ୍ତ୍ର ଅଭିଯାନ କରାଯାଇଛି। ଫଳରେ ଦୀର୍ଘ ଦିନ ଧରି ଶୁଷ୍କ ପାଗ ଓ ଭୟଙ୍କର ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଆମ ଜଙ୍ଗଲ ଯୋଜନା ଅଧୀନରେ ଥିବା ଜଙ୍ଗଲ ଅଞ୍ଚଳରେ ବନାଗ୍ନିର ପ୍ରାୟ କୌଣସି ଘଟଣା ଦୃଷ୍ଟିଗୋଚର ହୋଇନାହିଁ।

ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଜଙ୍ଗଲ ସୀମାନ୍ତରେ ରହୁଥିବା ସମୁଦାୟମାନଙ୍କ ପାରିବାରିକ ଆୟ ଉପରେ ବହୁତ ପ୍ରଭାବ ପକାଇପାରିଛି। ଜୀବିକା ପ୍ରୋତ୍ସାହନ ପାଇଁ ଏହି ପ୍ରକଳ୍ପରେ ସୀମିତ ଆର୍ଥିକ ସହାୟତାର ବ୍ୟବସ୍ଥା ଥିଲେ ମଧ୍ୟ ଅନ୍ୟ ସରକାରୀ ବିଭାଗଗୁଡ଼ିକରେ ଉପଲବ୍ଧ ବିଭିନ୍ନ ଯୋଜନା ଅନ୍ତର୍ଗତ ପାଣ୍ଠିକୁ ସମନ୍ୱୟ ମାଧ୍ୟମରେ ଉପଯୋଗ କରି ଏହି କାର୍ଯ୍ୟ ସମ୍ପାଦନ କରାଯାଉଛି। ଯଦିଓ ଏହା ଏକ କଠିନ କାର୍ଯ୍ୟ ଥିଲା, ତଥାପି ଆମ ଜଙ୍ଗଲ ଯୋଜନା ଦଳ ୩୯ଟି ସରକାରୀ ବିଭାଗ, ଶିଳ୍ପାନୁଷ୍ଠାନର ସାମାଜିକ ଦାୟିତ୍ୱ ପାଣ୍ଠି (CSR Fund) ଏବଂ ବୃହତ ବେସରକାରୀ ସଂସ୍ଥା ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମ୍ପ୍ରଦାୟର ଗୋଷ୍ଠୀ ବିକାଶ ଏବଂ ଜୀବିକା ପ୍ରୋତ୍ସାହନ ପାଇଁ ୯୬୨.୪୮ କୋଟି ଟଙ୍କା ସଂଗ୍ରହ କରିପାରିଛି। ଆମ ଜଙ୍ଗଲ ଯୋଜନା ଦଳ ସଦସ୍ୟଙ୍କ ଦୃଢ଼ ପ୍ରତିବଦ୍ଧତା ଯୋଗୁଁ ଏହା ସମ୍ଭବ ହୋଇପାରିଛି।

ବାର୍ଷିକ କାର୍ଯ୍ୟକ୍ରମ ବିବରଣୀ, ୨୦୨୩-୨୪ରେ ଚଳିତ ବର୍ଷ ଆମ ଜଙ୍ଗଲ ଯୋଜନା ଅଧୀନରେ ସମ୍ପାଦିତ କାର୍ଯ୍ୟକଳାପ ଏବଂ ଘଟଣାବିଷୟରେ ବିସ୍ତୃତ ସୂଚନା ରହିଛି। ଆମର ସୌଭାଗ୍ୟ ଯେ କାର୍ଯ୍ୟକାରୀତା ଏବଂ ସମ୍ପ୍ରସାରଣ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନା ଅନେକ ମାଇଲଖୁଣ୍ଟ ଅତିକ୍ରମ କରିପାରିଛି। ସମସ୍ତ ପ୍ରକଳ୍ପ କର୍ମଚାରୀ, ବନଖଣ୍ଡ ଏବଂ ବନାଞ୍ଚଳ ସ୍ତରୀୟ ଅଧିକାରୀ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବନ ସୁରକ୍ଷା ସମିତି ସଦସ୍ୟଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଏବଂ ପ୍ରତିଶ୍ରୁତିବଦ୍ଧ ପ୍ରୟାସ ପାଇଁ ମୁଁ କୃତଜ୍ଞତା ଜ୍ଞାପନ କରୁଛି।

**ଶ୍ରୀ ଯଶୋବନ୍ତ ବେରିହା,** ଓଏଫ୍‌ଏସ୍-୧ (SAG)
ଉପ-ପ୍ରକଳ୍ପ ନିର୍ଦ୍ଦେଶକ (ଅର୍ଥ ଓ ପ୍ରଶାସନ)

# ଆମ ଜଙ୍ଗଲ ଯୋଜନା
# ପ୍ରକଳ୍ପ ଉପଲବ୍ଧି

ଜଙ୍ଗଲର ସୁରକ୍ଷା ଓ ପୁନରୁଦ୍ଧାର ଏବଂ ଜଙ୍ଗଲ ସୀମାନ୍ତ ଗ୍ରାମ ଗୁଡିକରେ ବସବାସ କରୁଥିବା ସମ୍ପ୍ରଦାୟର ଜୀବିକା ଉପରେ ଗୁରୁତ୍ୱ ଦେଇ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ମାଧ୍ୟମରେ ରାଜ୍ୟରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେଉଅଛି। ୨୦୧୬-୧୭ ଆର୍ଥିକ ବର୍ଷରୁ ଏହି ଯୋଜନା ବନ ସୁରକ୍ଷା ସମିତି (VSS) ମାଧ୍ୟମରେ ରାଜ୍ୟର ୨୨ଗୋଟି ବନ ଓ ବନ୍ୟପ୍ରାଣୀ ବନଖଣ୍ଡରେ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ଏହି ଯୋଜନା କାର୍ଯ୍ୟକାରୀ ହେବାର ଅଷ୍ଟମ ବର୍ଷ ପୂରଣ କରିଛି ଯେଉଁଥିରେ ୪,୬୦୧ ବନ ସୁରକ୍ଷା ସମିତି (VSS) ଏବଂ ୧୪,୨୬୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ସହିତ ପ୍ରକଳ୍ପରେ ୧୫ଟି ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (Partner- NGO) ଗୋଷ୍ଠୀ ବିକାଶ ଏବଂ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ଭାଗିଦାରୀତାରେ ଜଙ୍ଗଲ ସୀମାନ୍ତରେ ରହୁଥିବା ସମ୍ପ୍ରଦାୟର ଜଙ୍ଗଲ କୈନ୍ଦ୍ରିକ ସାମଗ୍ରିକ ବିକାଶ ଆମ ଜଙ୍ଗଲ ଯୋଜନାର ପ୍ରମୁଖ ଲକ୍ଷ୍ୟ। ଏହି ଯୋଜନା ଜଙ୍ଗଲ ସୁରକ୍ଷା, ଗୋଷ୍ଠୀ ସଂଚାଳନ, ପ୍ରାକୃତିକ ସମ୍ପଦ ପରିଚାଳନା ସହିତ ଜୀବିକାଭିତ୍ତିକ ପ୍ରୋତ୍ସାହନର ବିଭିନ୍ନ ଦିଗ ଉପରେ ଗୋଷ୍ଠୀ ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରେ।

ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୬ଟି ଜିଲ୍ଲା ଅନ୍ତର୍ଗତ ୪୬୦୧ ଗୋଟି ବନ ସୁରକ୍ଷା ସମିତି ଅଧୀନରେ ୨,୩୦,୫୨୩ ହେକ୍ଟର ପରିମିତ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ହେଉଅଛି। ୪୬୦୧ ଗୋଟି ଗ୍ରାମ ଅଧୀନରେ ଥିବା ରାଜ୍ୟର ପ୍ରାୟ ୪.୨ ଲକ୍ଷ ପରିବାର ଏବଂ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଯୋଜନା ମାଧ୍ୟମରେ ସିଧାସଳଖ ଉପକୃତ ହୋଇ ପାରିଛନ୍ତି। ଯୁଗ୍ମ ଜଙ୍ଗଲ ପରିଚାଳନା (JFM) ପଦ୍ଧତିକୁ ଅନୁସରଣ କରି ବନ ସୁରକ୍ଷା ସମିତି ନାମକ ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନର ସକ୍ରିୟ ଅଂଶଗ୍ରହଣରେ ପ୍ରକଳ୍ପର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଅଛି। ରାଜ୍ୟ କାମ୍ପା (State CAMPA) ଓ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ହେଉଛି ଆମ ଜଙ୍ଗଲ ଯୋଜନା ପାଇଁ ପାଣ୍ଠିର ପ୍ରମୁଖ ଉତ୍ସ। ୨୦୨୨ ମସିହାରେ ଏହି ଯୋଜନାର କାର୍ଯ୍ୟକ୍ରମ ଅବଧି ଶେଷ ହୋଇଛି। ତେବେ ରକ୍ଷଣାବେକ୍ଷଣ ପର୍ଯ୍ୟାୟ ଶେଷ କରିବା ପାଇଁ ଓଡ଼ିଶା ସରକାର ଆଉ ୩ ବର୍ଷ, ଅର୍ଥାତ୍ ୨୦୨୨-୨୩ରୁ ୨୦୨୪-୨୫ ପର୍ଯ୍ୟନ୍ତ ଏହାର କାର୍ଯ୍ୟକାଳ ସଂପ୍ରସାରଣ କରିଛନ୍ତି।

ଓଡ଼ିଶାର ୨୨ଟି ବନଖଣ୍ଡ ଅଧୀନରେ ଥିବା ପ୍ରାୟ ୪.୨ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରି ଆମ ଜଙ୍ଗଲ ଯୋଜନା ବର୍ତ୍ତମାନ ଏହାର ସମ୍ପ୍ରସାରିତ ଅବଧିର ଦ୍ୱିତୀୟ ବର୍ଷ ପୂରଣ କରିଛି। ଏହି ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ୪୬୦୧ଗୋଟି ଗ୍ରାମରେ ଗ୍ରାମସ୍ତରୀୟ ସହଯୋଗ ମୂଳକ ଅଣୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ସରକାରୀ ବିଭାଗ ସହାୟତାରେ ଆନ୍ତଃ-ବିଭାଗୀୟ ସମନ୍ୱୟ ମାଧ୍ୟମରେ ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ (IGA) ସହିତ ସଂଯୋଗୀକରଣ କରାଯାଇ ପାରିଛି। ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨,୦୯,୫୪୩ ହେକ୍ଟର ଜଙ୍ଗଲ ଅଞ୍ଚଳରେ ସହାୟକ ପ୍ରାକୃତିକ ପୁନର୍ଜନନ (ବୃକ୍ଷ ରୋପଣ ବିନା) କାର୍ଯ୍ୟ କରାଯାଇଥିବା ବେଳେ ପ୍ରକଳ୍ପ ଅଞ୍ଚଳର ୧୯,୯୭୫ ହେକ୍ଟର ଜଙ୍ଗଲ ଅଞ୍ଚଳରେ ବୃକ୍ଷ ରୋପଣ ସହିତ ସହାୟକ ପ୍ରାକୃତିକ ପୁନର୍ଜନନ କାର୍ଯ୍ୟ କରାଯାଇଛି। ଏତଦ୍ ବ୍ୟତୀତ ୧୨ଟି ବନଖଣ୍ଡର ୧୦୦୫ ହେକ୍ଟର ଜଙ୍ଗଲ ଜମିରେ ଏକ ଚକଡି ବୃକ୍ଷରୋପଣ (Block Plantation) କରାଯାଇଛି। ଏହାସହିତ ସମସ୍ତ ୪୬୦୧ ଗୋଟି ବନ ସୁରକ୍ଷା ସମିତିର ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳରେ ସର୍ବେକ୍ଷଣ, ସୀମା ନିର୍ଦ୍ଧାରଣ, ସୀମା ଖୁଣ୍ଟି ସ୍ଥାପନ, ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ଅଗ୍ନି ନିରାପତ୍ତା କାର୍ଯ୍ୟକଳାପ ପରି ଜଙ୍ଗଲ ସୁରକ୍ଷାଭିତ୍ତିକ କାର୍ଯ୍ୟକ୍ରମ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ନିର୍ଦ୍ଧାରିତ ଅଞ୍ଚଳରେ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପାଇଁ ହାଲ୍କା ପଥର ବନ୍ଧ (LBCD) ଏବଂ ଟ୍ରେଞ୍ଚ ଖନନ କରାଯାଇଛି। ବନ ସୁରକ୍ଷା ସମିତି ସଦସ୍ୟ ଏବଂ ପ୍ରକଳ୍ପ ଦଳର ସକ୍ରିୟ ଅଂଶ ଗ୍ରହଣରେ ଆମ ଜଙ୍ଗଲ ଯୋଜନା ଅଧୀନସ୍ଥ ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳରେ ବନାଗ୍ନିକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିଛି।

ପ୍ରକଳ୍ପ ମାଧ୍ୟମରେ ଆୟ ସୃଷ୍ଟି ଏବଂ ଜୀବିକା ପ୍ରୋତ୍ସାହନ ପାଇଁ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ କୌଶଳ ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି, ଯାହାଦ୍ୱାରା ପ୍ରକଳ୍ପ ଅଞ୍ଚଳର ୧୪,୨୬୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହୋଇ ପରିଛନ୍ତି। ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ଗ୍ରାମଗୁଡ଼ିକରେ ବହୁମୁଖୀ ବନ ସୁରକ୍ଷା ସମିତି କୋଠା ଘର ତଥା ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ସହାୟତା କେନ୍ଦ୍ର ନିର୍ମାଣ ପାଇଁ ବ୍ୟବସ୍ଥା ରହିଛି। ଏହି ଉପାଦାନରେ ଗତ ୮ ବର୍ଷ ମଧ୍ୟରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଗ୍ରାମ ମାନଙ୍କରେ ୬୧୨ ଟି ବନ ସୁରକ୍ଷା ସମିତି କୋଠାଘର ନିର୍ମାଣ କରାଯାଇ ଗୋଷ୍ଠୀ ମାନଙ୍କୁ ସେମାନଙ୍କ ବହୁବିଧ ବ୍ୟବହାର ପାଇଁ ହସ୍ତାନ୍ତର କରାଯାଇଛି।

ସ୍ଥାନୀୟ ସମୁଦାୟର ହିତ ପାଇଁ ଗୋଷ୍ଠୀ ଭିତ୍ତିଭୂମି ବିକାଶ ଏବଂ ଜୀବିକା ଉନ୍ନୟନ ସମ୍ବନ୍ଧୀୟ ଅନେକ କାର୍ଯ୍ୟ ପ୍ରକଳ୍ପ ପାଣ୍ଠି କିମ୍ବା ଅନ୍ୟ ସରକାରୀ ବିଭାଗର ଯୋଜନା ସହିତ ସମନ୍ୱୟ ମାଧ୍ୟମରେ ସମ୍ପାଦିତ ହୋଇଅଛି।

ଏଭଳି କାର୍ଯ୍ୟକ୍ରମକୁ ସହଜ କରିବା ପାଇଁ ଏବଂ ଗୋଷ୍ଠୀ ସଂଚାଳନ ଏବଂ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମକୁ ସହାୟତା କରିବା ପାଇଁ ୧୫ଗୋଟି ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିୟୋଜିତ କରାଯାଇଛି । ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନା ଦଳ ବିଭିନ୍ନ ସରକାରୀ ବିଭାଗର ଯୋଜନାର ସମନ୍ୱୟ ମାଧ୍ୟମରେ ୯୬୨.୪୮ କୋଟି ଟଙ୍କା ସଂଚାଳନ କରିବାରେ ସକ୍ଷମ ହୋଇପାରିଛନ୍ତି, ଯାହା ଫଳରେ ଅଞ୍ଚଳର ପ୍ରାୟ ୩୦.୭୨ ଲକ୍ଷ ହିତାଧିକାରୀ ଉପକୃତ ହୋଇ ପାରିଛନ୍ତି। ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳ ମଧ୍ୟରୁ ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟ କାମ୍ପା ପାଣ୍ଠିରୁ ୫୧୧.୩୪ କୋଟି ଟଙ୍କା ଏବଂ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ)ରୁ ୧୩୫.୬୦ କୋଟି ଟଙ୍କା ଜଙ୍ଗଲ ସୁରକ୍ଷା ଏବଂ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ପ୍ରାପ୍ତ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନାର ସଫଳତା ନିମ୍ନଲିଖିତ ସାରଣୀରେ ପ୍ରଦାନ କରାଯାଇଛି।

## ପ୍ରକଳ୍ପ ଉପଲବ୍ଧି

| କାର୍ଯ୍ୟକ୍ରମ | ୨୦୨୩-୨୪ ପାଇଁ ଧାର୍ଯ୍ୟ ଲକ୍ଷ୍ୟ | ଲକ୍ଷ୍ୟ ହାସଲ |
|---|---|---|
| ଆମ ଜଙ୍ଗଲ ଯୋଜନା ଅଧୀନରେ ଥିବା ବନଖଣ୍ଡ | ବଣାଇ, ଦେବଗଡ଼, ଜୟପୁର, କେନ୍ଦୁଝର, କେନ୍ଦୁଝର (ବନ୍ୟପ୍ରାଣୀ), ପାରଳାଖେମୁଣ୍ଡି, ରାଉରକେଲା, ଅନୁଗୁଳ, ବାଲେଶ୍ୱର (ବନ୍ୟପ୍ରାଣୀ), ଫୁଲବାଣୀ, କୋରାପୁଟ, ରାୟଗଡ଼ା, ବାଲିଗୁଡ଼ା, ବାମରା (ବନ୍ୟପ୍ରାଣୀ), ବରଗଡ଼, ବଲାଙ୍ଗୀର, ଖରିଆର, କଳାହାଣ୍ଡି (ଦକ୍ଷିଣ), କଳାହାଣ୍ଡି (ଉତ୍ତର), ମାଲକାନଗିରି, ନବରଙ୍ଗପୁର ଓ ରେଢ଼ାଖୋଲ | ସମ୍ପୂର୍ଣ୍ଣ ହାସଲ କରାଯାଇଛି |
| ଅନ୍ତର୍ଭୁକ୍ତ ବନ ସୁରକ୍ଷା ସମିତି ସଂଖ୍ୟା | ୧୪୨୪ | ୧୪୨୪ |
| ବୃକ୍ଷରୋପଣ ବିନା ପୁନର୍ଜ୍ଜନନର ଦ୍ୱିତୀୟ ବର୍ଷ ରକ୍ଷଣାବେକ୍ଷଣ | ୨୨ଟି ବନଖଣ୍ଡ, ୫୧୬ ବନ ସୁରକ୍ଷା ସମିତି, ୨୨୮୮୭ ହେକ୍ଟର | ୨୨ଟି ବନଖଣ୍ଡ, ୫୧୬ ବନ ସୁରକ୍ଷା ସମିତି, ୨୨୮୬୨ ହେକ୍ଟର |
| ବୃକ୍ଷରୋପଣ ବିନା ପୁନର୍ଜ୍ଜନନର ତୃତୀୟ ଓ ଚତୁର୍ଥ ବର୍ଷ ରକ୍ଷଣାବେକ୍ଷଣ | ୨୨ ଟି ବନଖଣ୍ଡ, ୧୦୭୯ ବନ ସୁରକ୍ଷା ସମିତି , ୫୨,୯୫୦ ହେକ୍ଟର | ୨୨ ଟି ବନଖଣ୍ଡ, ୧୦୭୯ ବନ ସୁରକ୍ଷା ସମିତି , ୫୨,୯୫୦ ହେକ୍ଟର |
| ବୃକ୍ଷରୋପଣ ସହିତ ପୁନର୍ଜ୍ଜନନର ଦ୍ୱିତୀୟ ବର୍ଷ ରକ୍ଷଣାବେକ୍ଷଣ | ୧୮ ଟି ବନଖଣ୍ଡ, ୪୪୬ ବନ ସୁରକ୍ଷା ସମିତି, ୨୦,୦୦୦ ହେକ୍ଟର | ୧୮ ଟି ବନଖଣ୍ଡ, ୪୪୬ ବନ ସୁରକ୍ଷା ସମିତି, ୧୯,୯୭୫ ହେକ୍ଟର |
| ଆନିମେଟର୍ ଙ୍କ ନିୟୋଜନ | ୧୪୨୪ | ୧୪୨୪ |
| ୨୦୨୩-୨୪ ରେ ସମନ୍ୱୟ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ | ସମୁଦାୟ ଉପକୃତ ହିତାଧିକାରୀ ସଂଖ୍ୟା - ୪.୮୯ ଲକ୍ଷ, ଅନ୍ୟାନ୍ୟ ସରକାରୀ ବିଭାଗର ଯୋଜନାର ସମନ୍ୱୟ ମାଧ୍ୟମରେ ସମୁଦାୟ ସମୁଦାୟ ରାଶି ସଂଗ୍ରହ - ୨୪୭.୭୫ କୋଟି ଟଙ୍କା | |
| ୨୦୨୩-୨୪ ମସିହା ପର୍ଯ୍ୟନ୍ତ ସମନ୍ୱୟ ମାଧ୍ୟମରେ ସମୁଦାୟ ଜୀବିକା ପ୍ରୋତ୍ସାହନ | ସମୁଦାୟ ଉପକୃତ ହିତାଧିକାରୀ ସଂଖ୍ୟା - ୩୦.୭୨ ଲକ୍ଷ, ଅନ୍ୟାନ୍ୟ ସରକାରୀ ବିଭାଗର ଯୋଜନାର ସମନ୍ୱୟ ମାଧ୍ୟମରେ ସମୁଦାୟ ରାଶି- ୯୬୨.୪୮ କୋଟି ଟଙ୍କା | |
| ଆମ ଜଙ୍ଗଲ ଯୋଜନା ଏହାର ସମ୍ପ୍ରସାରଣ ଅବଧିର ଦ୍ୱିତୀୟ ବର୍ଷ ପୂରଣ କରିଛି। ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ପର୍ଯ୍ୟନ୍ତ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଗ୍ରାମଗୁଡିକରେ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ କାର୍ଯ୍ୟ ସହିତ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଚାଲୁ ରଖିବାପାଇଁ ଧାର୍ଯ୍ୟ କରାଯାଇଛି। | | |

# ଅଧ୍ୟାୟ ୧

# ଆମ ଜଙ୍ଗଲ ଯୋଜନା ବିଷୟରେ

## ୧.୦ ଉପକ୍ରମ

ଆମ ଜଙ୍ଗଲ ଯୋଜନା (AJY) ୨୦୧୬-୧୭ ମସିହାରୁ ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବରେ ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି, ଯାହାର ଉଦ୍ଦେଶ୍ୟ ହେଉଛି ରାଜ୍ୟର ଜଙ୍ଗଲ ସୀମାନ୍ତ ଗ୍ରାମରେ ବସବାସ କରୁଥିବା ସମ୍ପ୍ରଦାୟର ବିକଳ୍ପ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ଜଙ୍ଗଲ ପରିଚାଳନା, ଯୁଗ୍ମ ବନ ପରିଚାଳନା ମାର୍ଗଦର୍ଶିକା ଓ କାର୍ଯ୍ୟ ଯୋଜନା (ୱାର୍କିଂ ପ୍ଲାନ)ର ଅନୁମୋଦିତ କାର୍ଯ୍ୟ ଖସଡା ଅନୁଯାୟୀ ଗ୍ରାମସ୍ତରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବନ ସୁରକ୍ଷା ସମିତିର ସହଭାଗିତାରେ ଓଡ଼ିଶା ବାନାଞ୍ଚଳ ଉନ୍ନୟନ ସମିତି (OFSDS) ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆମ ଜଙ୍ଗଲ ଯୋଜନା ମୂଳତଃ ଏକ ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ଏବଂ ପରିଚାଳନା ଯୋଜନା ଯାହା ବନ ସୁରକ୍ଷା ସମିତି (VSS) ନାମକ ଗ୍ରାମସ୍ତରୀୟ ଅନୁଷ୍ଠାନ ମାଧ୍ୟମରେ ଲୋକଙ୍କ ସହଭାଗିତାରେ ଜଙ୍ଗଲ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥାଏ। ଓଡ଼ିଶା ସରକାରଙ୍କ ଯୁଗ୍ମ ବନ ପରିଚାଳନା ସଂକଳ୍ପ ଅନୁଯାୟୀ ଏହି ବନ ସୁରକ୍ଷା ସମିତି ଗୁଡ଼ିକ ସମ୍ପୃକ୍ତ ବିଭାଗୀୟ ବନଖଣ୍ଡ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥାଏ। ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ସାମୂହିକ ଅଂଶଗ୍ରହଣ ସହିତ ଜଙ୍ଗଲର ସୁ-ସ୍ଥାୟୀ ପରିଚାଳନା ମାଧ୍ୟମରେ ରାଜ୍ୟର ଜଙ୍ଗଲ ଉପରେ ଜୈବିକ ଚାପ ହ୍ରାସ କରିବା ଏବଂ ଏହା ସହିତ ଉପଯୁକ୍ତ ଜୀବିକା ବିକଳ୍ପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା। ଆମ ଜଙ୍ଗଲ ଯୋଜନାର ପ୍ରାରମ୍ଭିକ ଅବଧି ୬ ବର୍ଷ, ଅର୍ଥାତ୍ ୨୦୧୬-୧୭ରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିଲା, ଯାହାକୁ ଅତିରିକ୍ତ ତିନି ବର୍ଷ , ଅର୍ଥାତ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ରାଜ୍ୟର ୧୩୫ଟି ବନାଞ୍ଚଳ ଅଧୀନରେ ଥିବା ୪୬୦୧ଟି ବନ ସୁରକ୍ଷା ସମିତିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି।

ଆମ ଜଙ୍ଗଲ ଯୋଜନାର ମୁଖ୍ୟ ଉପାଦାନଗୁଡ଼ିକୁ ସାମଗ୍ରିକ ଭାବେ ଚାରିଟି ବର୍ଗରେ ବିଭକ୍ତ କରାଯାଇପାରେ, ଯଥା ଗୋଷ୍ଠୀ ସଞ୍ଚାଳନ ଏବଂ ଦକ୍ଷତା ବିକାଶ, ଅନୁଷ୍ଠାନ ଗଠନ ଏବଂ ସୁଦୃଢ଼ୀକରଣ, ସ୍ଥାୟୀ ଜଙ୍ଗଲ ପରିଚାଳନା ଏବଂ ଜୀବିକା ବିକାଶ। ଏହି ସମୟ ମଧ୍ୟରେ ସହାୟକ ପ୍ରାକୃତିକ ପୁନର୍ଜନନ ଏବଂ ଏକ ଚକଡି ବୃକ୍ଷରୋପଣ ମାଧ୍ୟମରେ ଅବକ୍ଷୟ ହୋଇଥିବା ଜଙ୍ଗଲର ପୁନରୁଦ୍ଧାରକୁ ପ୍ରମୁଖ ବନୀକରଣ ଉପାଦାନ ଭାବରେ ଗ୍ରହଣ କରାଯାଇଥିଲା। ଗୋଷ୍ଠୀ ସ୍ତରରେ ଜୀବିକା ଉନ୍ନୟନ ଏବଂ ଭିତ୍ତିଭୂମି ବିକାଶ ପାଇଁ ଆମ ଜଙ୍ଗଲ ଯୋଜନା ଅଧୀନରେ ଆନ୍ତଃ-ବିଭାଗୀୟ ସମନ୍ୱୟ ମାଧ୍ୟମରେ ସମ୍ବଳ ସଂଗ୍ରହ କରିବା ପାଇଁ ପ୍ରକଳ୍ପ ପରିଚାଳନା ୟୁନିଟ୍ (PMU), ଡିଭିଜନାଲ ମ୍ୟାନେଜମେଣ୍ଟ ୟୁନିଟ୍ (DMU) ଏବଂ ଫିଲ୍ଡ ମ୍ୟାନେଜମେଣ୍ଟ ୟୁନିଟ୍ (FMU) ସ୍ତରରେ ମଧ୍ୟ ଅନେକ ପଦକ୍ଷେପ ନିଆଯାଇଛି। ବନ ସୁରକ୍ଷା ସମିତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ନାମକ ସ୍ଥାନୀୟ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ଏବଂ ସମ୍ପୃକ୍ତି ମାଧ୍ୟମରେ ଏହି ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରାଯାଏ।

## ୧.୧ ଉଦ୍ଦେଶ୍ୟ

ଆମ ଜଙ୍ଗଲ ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଗୁଡ଼ିକ ହେଲା:

- ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟକ୍ରମ ମାଧ୍ୟମରେ ଅବକ୍ଷୟ ହୋଇଥିବା ଜଙ୍ଗଲର ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବା।
- ସହଭାଗୀ ଜଙ୍ଗଲ ସଂରକ୍ଷଣ ଏବଂ ପରିଚାଳନା ପଦ୍ଧତି ମାଧ୍ୟମରେ ଜଙ୍ଗଲର ପୁନଶ୍ଚ ଅବକ୍ଷୟକୁ ରୋକିବା।
- ସୁ-ସ୍ଥାୟୀ ଜଙ୍ଗଲ ପରିଚାଳନାରେ ଅଂଶଗ୍ରହଣ କରିବା ପାଇଁ ଜଙ୍ଗଲ ନିର୍ଭରଶୀଳ ଅଧିବାସୀ ମାନଙ୍କର ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ସଶକ୍ତ କରିବା।
- ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟକୁ ବିକଳ୍ପ ଜୀବିକା ସୃଷ୍ଟିର ସୁଯୋଗ ଯୋଗାଇବା ଏବଂ ପ୍ରୋତ୍ସାହିତ କରିବା, ଯାହା ଫଳରେ ଜଙ୍ଗଲ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ ପାଇବ।

## ୧.୨ ପ୍ରକଳ୍ପ ଅଞ୍ଚଳ

୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ପରିସରରେ ୨୨ଟି ବନଖଣ୍ଡ ତଥା ୧୬ଟି ଜିଲ୍ଲା ଅନ୍ତର୍ଗତ ୧୨୫ଟି ବନାଞ୍ଚଳ (ରେଞ୍ଜ)ରେ ଥିବା ୧୪୨୪ଟି ବନ ସୁରକ୍ଷା ସମିତି ରହିଛନ୍ତି। ଏହି ବନଖଣ୍ଡ ଗୁଡ଼ିକ ହେଲା ବଣାଇ, ଦେବଗଡ଼, ରାଉରକେଲା, କେନ୍ଦୁଝର, ଅନୁଗୁଳ, ବାଲେଶ୍ୱର (ବନ୍ୟପ୍ରାଣୀ), କେନ୍ଦୁଝର (ବନ୍ୟପ୍ରାଣୀ), ରାୟଗଡ଼ା, ଜୟପୁର, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଫୁଲବାଣୀ, ପାରଳାଖେମୁଣ୍ଡି, ବାଲିଗୁଡ଼ା, ବାମରା (ବନ୍ୟପ୍ରାଣୀ), ରେଢାଖୋଲ, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି (ଦକ୍ଷିଣ), କଳାହାଣ୍ଡି (ଉତ୍ତର) ଓ ଖରିଆର।

ଚିତ୍ର-୧: ଆମ ଜଙ୍ଗଲ ଯୋଜନା ଅଧୀନରେ ଥିବା ବନଖଣ୍ଡ



## ୧.୩ ପ୍ରକଳ୍ପ ସଂରଚନା

ନିମ୍ନଲିଖିତ ମୁଖ୍ୟ ଉପାଦାନ ଉପରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ ଆଧାରିତ, ଯାହା ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଇଛି:

### ୧.୩.୧- ପ୍ରସ୍ତୁତି କାର୍ଯ୍ୟ

ଏହି ଯୋଜନାର ପ୍ରସ୍ତୁତି କାର୍ଯ୍ୟରେ ନିମ୍ନଲିଖିତ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ:

କ. ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ସହଭାଗୀ-ବେସରକାରୀ ଅନୁଷ୍ଠାନର ନିୟୋଜନ।

ଖ. ଗୋଷ୍ଠୀ ସଞ୍ଚାଳନ ଏବଂ ଅନୁଷ୍ଠାନ ଗଠନ ଓ ସୁଦୃଢୀକରଣ।

ଗ. ପ୍ରକଳ୍ପ ଅଂଶୀଦାରଙ୍କ ଦକ୍ଷତା ବିକାଶ।

ଘ. ହସ୍ତାନ୍ତରିତ ଜଙ୍ଗଲ/ ଉପାଚାର କ୍ଷେତ୍ରର ସର୍ବେକ୍ଷଣ ଓ ସୀମା ନିର୍ଦ୍ଧାରଣ।

ଙ. ସହଭାଗୀ ଗ୍ରାମୀଣ ଅବଧାରଣା (PRA) ପରିଚାଳନା କରିବା।

ଚ. ଗ୍ରାମରେ ଅଣୁ ଯୋଜନା ପ୍ରସ୍ତୁତି ଏବଂ ପରବର୍ତ୍ତୀ ସମୟରେ ଗ୍ରାମସଭାରେ ଅନୁମୋଦନ।

### ୧.୩.୨ କାର୍ଯ୍ୟକାରିତା ପର୍ଯ୍ୟାୟରେ କାର୍ଯ୍ୟକଳାପ

#### (କ) ଜଙ୍ଗଲ ସୁରକ୍ଷା, ପୁନରୁଦ୍ଧାର ଏବଂ ପୁନଃଜନନ କାର୍ଯ୍ୟ

ଯୁଗ୍ମ ଜଙ୍ଗଲ ପରିଚାଳନା ପଦ୍ଧତିରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ହେଉଛି ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି ପ୍ରକଳ୍ପରେ ଅଞ୍ଚଳର ସମ୍ଭାବ୍ୟତା ଏବଂ ଉପଯୁକ୍ତତା ଆଧାରରେ ବୃକ୍ଷ ରୋପଣ ସହିତ ସହାୟକ ପ୍ରାକୃତିକ ପୁନର୍ଜନନ, ଏକ ଚକଡି ବୃକ୍ଷରୋପଣ ଏବଂ ବୃକ୍ଷ ରୋପଣ ବିନା ସହାୟକ ପ୍ରାକୃତିକ ପୁନର୍ଜନନ କାର୍ଯ୍ୟ ହାତକୁ ନିଆଯାଇଛି। ଅବକ୍ଷୟ ହୋଇଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ନିଆଯାଇଥିବା ପ୍ରମୁଖ କାର୍ଯ୍ୟକଳାପ ଗୁଡ଼ିକ ହେଲା:

କ) ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ।

ଖ) ବନତାତ୍ତ୍ୱିକ କାର୍ଯ୍ୟକଳାପ (ଲଟା କଟେଇ, ପାତଳୀକରଣ, ଉଚ୍ଚ ଖୁଣ୍ଟା କଟେଇ, ଅଗ୍ନିରେଖା ସୃଷ୍ଟି, ଏବଂ ରକ୍ଷଣାବେକ୍ଷଣ ଇତ୍ୟାଦି)।

ଗ) ବୃକ୍ଷରୋପଣ ସହିତ ଏବଂ ବୃକ୍ଷରୋପଣ ବିନା ସହାୟକ ପ୍ରାକୃତିକ ପୁନର୍ଜନନ (ANR)।

ଘ) ଏକ ଚକଡି ବୃକ୍ଷରୋପଣ।

ବୃକ୍ଷରୋପଣ ସହିତ ସହାୟକ ପ୍ରାକୃତିକ ପୁନର୍ଜନନ ଏବଂ ଏକ ଚକଡି ବୃକ୍ଷରୋପଣରେ ବାଉଁଶ, ଇନ୍ଧନ କାଠ, ଗଣ୍ଡି କାଠ ଏବଂ ଫଳଗଛ ସମେତ ଅଣକାଠ ପାଇଁ ସ୍ଥାନୀୟ ଦେଶୀ ପ୍ରଜାତିକୁ ପ୍ରାଥମିକତା ଦିଆଯାଇଛି। ଆମ ଜଙ୍ଗଲ ଯୋଜନା ଅଧୀନରେ ଥିବା ସମସ୍ତ ବୃକ୍ଷରୋପଣରେ ବଞ୍ଚିବା ହାର ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ୧୮ ମାସିଆ ଚାରା ରୋପଣ କରାଯାଇଛି।

#### ଖ) ପରିଚାଳନାଗତ କାର୍ଯ୍ୟ ପାଇଁ ସହାୟତା

ବିଭିନ୍ନ ସ୍ତରରେ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦିଷ୍ଟ ଭୂମିକା ଓ ଦାୟିତ୍ୱ ସହିତ ବିଭିନ୍ନ ସାଂଗଠନିକ ବ୍ୟବସ୍ଥା, ଯଥା- ରାଜ୍ୟସ୍ତରରେ ପ୍ରକଳ୍ପ ପରିଚାଳନା ଏକକ (PMU), ବନଖଣ୍ଡ ସ୍ତରରେ ବନଖଣ୍ଡିୟ ପରିଚାଳନା ଏକକ (DMU), ରେଞ୍ଜ ସ୍ତରରେ ବନାଞ୍ଚଳ ସ୍ତରୀୟ ପରିଚାଳନା ଏକକ (FMU) ଏବଂ ଗ୍ରାମସ୍ତରରେ ବନ ସୁରକ୍ଷା ସମିତି ରହିଛି। ଏହି ସବୁ ଏକକ ଗୁଡ଼ିକ ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ ପାଇଁ ଯଥାସମ୍ଭବ ପ୍ରୟାସ କରିଛନ୍ତି। ଏହି ଯୋଜନା ଅଧୀନରେ କାର୍ଯ୍ୟକ୍ରମ ଗୁଡ଼ିକୁ ସମ୍ପାଦନ କରିବା ପାଇଁ ପ୍ରକଳ୍ପ ପରିଚାଳନା ଏକକ, ବନଖଣ୍ଡ ଏବଂ ରେଞ୍ଜକୁ ପରିଚାଳନା ଏବଂ କାର୍ଯ୍ୟାଳୟ ରକ୍ଷଣାବେକ୍ଷଣ ପାଇଁ ସହାୟତା ପ୍ରଦାନ କରାଯାଉଅଛି।

#### ଗ) ସହାୟକ କାର୍ଯ୍ୟକ୍ରମ

ତୃଣମୂଳ ସ୍ତରରେ ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦାନ କରିବା ଏବଂ ଗୋଷ୍ଠୀ ସଚେତନତା ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ଅଞ୍ଚଳରେ ୧୫ ଗୋଟି ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (P-NGO)ନିୟୋଜିତ ହୋଇଛନ୍ତି। ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ବନ ସୁରକ୍ଷା ସମିତିକୁ ଅଣୁ ଯୋଜନା ପ୍ରସ୍ତୁତି ତଥା ବନ ସୁରକ୍ଷା ସମିତି ଓ ସ୍ୱୟଂ ସହାୟକ ଦଳର ଦକ୍ଷତା ବୃଦ୍ଧି ପାଇଁ ବୈଷୟିକ ସହାୟତା ପ୍ରଦାନ କରାଯାଇଛି। ନିର୍ଦ୍ଧାରିତ ବନ ସୁରକ୍ଷା ସମିତି ଓ ସ୍ୱୟଂ ସହାୟକ ଦଳଗୁଡ଼ିକୁ ବୈଷୟିକ ତଥା ପ୍ରଶାସନିକ ସହାୟତା ଯୋଗାଇଦେବା ପାଇଁ ପ୍ରକଳ୍ପ ବନଖଣ୍ଡ ଗୁଡ଼ିକରେ ଜଣେ ଆମ ଜଙ୍ଗଲ ଯୋଜନା ସଂଯୋଜକ ଏବଂ ଜଣେ DEO (ଆକାଉଣ୍ଟସ୍)ଙ୍କୁ ନିୟୋଜିତ କରାଯାଇଛି। ହିସାବ ଏବଂ ଦୈନନ୍ଦିନ ରେକର୍ଡ ରଖିବା ପାଇଁ ପ୍ରତ୍ୟେକ ରେଞ୍ଜ (FMU)ରେ ଜଣେ DEO ମଧ୍ୟ ଅବସ୍ଥାପିତ ଅଛନ୍ତି। ରାଜ୍ୟସ୍ତରରେ ୩ ଜଣ ବିଷୟବସ୍ତୁ ବିଶେଷଜ୍ଞ, ଜଣେ ଆକାଉଣ୍ଟ ମ୍ୟାନେଜର ଓ ଅନ୍ୟାନ୍ୟ କର୍ମଚାରୀ ଏହି ଯୋଜନା କାର୍ଯ୍ୟରେ ସହଯୋଗ କରିବା ପାଇଁ ନିୟୋଜିତ ହୋଇଛନ୍ତି।

### ୧.୩.୩ :ସଂପ୍ରସାରଣ ପର୍ଯ୍ୟାୟ ରକ୍ଷଣାବେକ୍ଷଣ

ସମଗ୍ର ପ୍ରକଳ୍ପ ଅବଧି ମଧ୍ୟରେ ୪୬୦୧ ଟି ବନ ସୁରକ୍ଷା ସମିତି ମାଧ୍ୟମରେ ୨,୩୦,୫୨୩ ହେକ୍ଟର ନିର୍ଦ୍ଧାରିତ ଜଙ୍ଗଲ

ଅଞ୍ଚଳକୁ ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତନ୍ମଧ୍ୟରୁ ୨,୦୯,୫୪୩ ହେକ୍ଟର ଜମିରେ ବୃକ୍ଷରୋପଣ ବିନା ସହାୟକ ପ୍ରାକୃତିକ ପୁନର୍ଜ୍ଜନନ, ୧୯,୯୭୫ ହେକ୍ଟର ଜମିରେ ବୃକ୍ଷରୋପଣ ସହିତ ସହାୟକ ପ୍ରାକୃତିକ ପୁନର୍ଜ୍ଜନନ ଏବଂ ୧୦୦୫ ହେକ୍ଟର ଜଙ୍ଗଲ ଜମିରେ ଏକ ଚକଡି ବୃକ୍ଷରୋପଣ କରାଯାଇଥିଲା। ଓଡିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟଙ୍କ ଦ୍ୱାରା ଅନୁମୋଦିତ ବୃକ୍ଷରୋପଣ ଖର୍ଚ୍ଚ ନିୟମରେ ଥିବା ବ୍ୟବସ୍ଥା ଅନୁଯାୟୀ ଚତୁର୍ଥ ବର୍ଷ ଶେଷ ହେବା ପର୍ଯ୍ୟନ୍ତ ବୃକ୍ଷରୋପଣ/ଉପଚାର କ୍ଷେତ୍ରରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବା ଆବଶ୍ୟକ। ତେଣୁ, ୨୨ଟି ଜଙ୍ଗଲ ଓ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ୧୯୬୪ ସଂଖ୍ୟକ ବନ ସୁରକ୍ଷ୍ୟ ସମିତିରେ ୨୦୨୨-୨୩ରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ୩ ବର୍ଷ ଧରି ରକ୍ଷଣାବେକ୍ଷଣ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ସମ୍ପ୍ରସାରଣ ପର୍ଯ୍ୟାୟରେ ୨୫୦ ଟି ବନ ସୁରକ୍ଷ୍ୟ ସମିତି କୋଠା ଗୃହ ତଥା ଜୀବିକା ସହାୟତା କେନ୍ଦ୍ର ନିର୍ମାଣର ବ୍ୟବସ୍ଥା କରାଯାଇଛି। ରକ୍ଷଣାବେକ୍ଷଣ ଅଧୀନରେ ଥିବା ସମସ୍ତ ୧୯୬୪ ବନ ସୁରକ୍ଷା ସମିତି ରେ ଗୋଷ୍ଠୀ ସଚେତନତା ଏବଂ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ସବୁ ମଧ୍ୟ ଜାରି ରହିବ। ଚଳିତ ବର୍ଷ ୧୪୨୪ ଗୋଟି ବନ ସୁରକ୍ଷା ସମିତି ରକ୍ଷଣାବେକ୍ଷଣ ପାଇଁ ଲକ୍ଷ୍ୟଭୁକ୍ତ ଥିଲା।

### କ) ଜଙ୍ଗଲ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ

ନିମ୍ନରେ ପ୍ରଦତ୍ତ ସୂଚୀ ଅନୁଯାୟୀ ସହାୟକ ମୂଳକ ପ୍ରାକୃତିକ ପୁନର୍ଜ୍ଜନନ ସ୍ଥାନ ଗୁଡ଼ିକରେ ଜଙ୍ଗଲ ରକ୍ଷଣାବେକ୍ଷଣ ପଦକ୍ଷେପ ଅନ୍ତର୍ଗତ ସାଧାରଣ ରକ୍ଷଣାବେକ୍ଷଣ କାର୍ଯ୍ୟ, ଯଥା ଜଗା ରଖା, ମୃତ ସ୍ଥାନରେ ଚାରା ପ୍ରତିରୋପଣ, ଅନାବନା ଉଦ୍ଭିଦ ଦୂରୀକରଣ ହୁଡା ଟେକା, ଖତ ସାର ପ୍ରୟୋଗ, ଅଗ୍ନିରେଖା ସୃଷ୍ଟି ଏବଂ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟର ରକ୍ଷଣାବେକ୍ଷଣ ବ୍ୟବସ୍ଥା କରାଯାଇଛି।

ବୃକ୍ଷରୋପଣ ସହିତ ସହାୟକ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ କାର୍ଯ୍ୟ ଯଥା ଜଗା ରଖା, ମୃତ ସ୍ଥାନରେ ଚାରା ପ୍ରତିରୋପଣ, ଅନାବନା ଗଛ କାଟିବା, ହୁଡା ଟେକା, ଖତ ସାର ପ୍ରୟୋଗ, ଅଗ୍ନିରେଖା ସୃଷ୍ଟି ଏବଂ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟ ଏବଂ ବୃକ୍ଷରୋପଣ ବିନା ସହାୟକ ପ୍ରାକୃତିକ ପୁନର୍ଜ୍ଜନନ ସ୍ଥାନରେ ରକ୍ଷଣାବେକ୍ଷଣ ପାଇଁ ଜଗା ରଖା, ହୁଡା ଟେକା, ଖତ ସାର ପ୍ରୟୋଗ, ଅଗ୍ନିରେଖା ସୃଷ୍ଟି ଏବଂ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟର ବ୍ୟବସ୍ଥା କରାଯାଇଛି।

### ଖ) ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ ସହାୟକ କାର୍ଯ୍ୟ

ଆମ ଜଙ୍ଗଲ ଯୋଜନାର ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ ସମସ୍ତ ୧୯୬୪ ବନ ସୁରକ୍ଷା ସମିତିରେ ଗୋଷ୍ଠୀ ସଞ୍ଚାଳନ ଏବଂ ଜୀବିକା

**ସାରଣୀ-୧.୧: ଆମ ଜଙ୍ଗଲ ଯୋଜନା (୨୦୧୬-୧୭ରୁ ୨୦୨୪-୨୫) ଅନ୍ତର୍ଗତ ବନୀକରଣ କାର୍ଯ୍ୟକ୍ରମର ବର୍ଷୱାରୀ ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟସୂଚୀ**

| S. No | Name of Interventions | Batch No | No of VSS | Total Area (In Ha.) | Year of Interventions | | | | | | | | |
|---|---|---|---|---|---|---|---|---|---|---|---|---|---|
| | | | | | 2016-17 | 2017-18 | 2018-19 | 2019-20 | 2020-21 | 2021-22 | 2022-23 | 2023-24 | 2024-25 |
| 1 | ANR Without Gap Plantations | I | 2086 | 106031 | 0th Year | 1st Year | 2nd Year | 3rd Year | 4th Year | | | | |
| | | II | 554 | 27700 | | 0th Year | 1st Year | 2nd Year | 3rd Year | 4th Year | | | |
| | | III | 540 | 25950 | | | 0th Year | 1st Year | 2nd Year | 3rd Year | 4th Year | | |
| | | IV | 540 | 27000 | | | | 0th Year | 1st Year | 2nd Year | 3rd Year | 4th Year | |
| | | V | 516 | 22887 | | | | | 0th Year | 1st Year | 2nd Year | 3rd Year | 4th Year |
| 2 | ANR With Gap Plantations | I | 446 | 20000 | | | | | 0th Year | 1st Year | 2nd Year | 3rd Year | 4th Year |
| 3 | Blcok Plantations | I | 87 | 1005 | 0th Year | 1st Year | 2nd Year | 3rd Year | 4th Year | | | | |
| | **Total** | | **4601** | **230573** | | | | | | | | | |

ପ୍ରୋତ୍ସାହନ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଇଛି । ବନ ସୁରକ୍ଷା ସମିତିରେ ବୈଠକ (ମାସିକ ବୈଠକ, ସାଧାରଣ ପରିଷଦ ଏବଂ କାର୍ଯ୍ୟ ନିର୍ବାହୀ କମିଟି ବୈଠକ), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସୁଦୃଢ଼ କରିବା ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲିଥିବା ବନ ସୁରକ୍ଷା ସମିତି ଗୁଡ଼ିକରେ ଆନ୍ତଃ-ବିଭାଗୀୟ ସମନ୍ୱୟ ଜାରି ରହିଛି । ଏତଦ୍ ବ୍ୟତୀତ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ସହାୟତାରେ ଏହି ବନଖଣ୍ଡ ଗୁଡ଼ିକରେ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଅଛି । ବନଖଣ୍ଡ ସ୍ତରରେ ଆମ ଜଙ୍ଗଲ ଯୋଜନା ଟିମ୍ ଅନ୍ୟ ଲାଇନ୍ ବିଭାଗର ଯୋଜନା ସହିତ ଉପଲବ୍ଧ ସମନ୍ୱୟ ସୁଯୋଗର ଅନୁସନ୍ଧାନ କରୁଛନ୍ତି ଏବଂ ସେମାନଙ୍କୁ ପ୍ରକଳ୍ପ ଅଞ୍ଚଳରେ ଥିବା ବନ ସୁରକ୍ଷା ସମିତି / SHG ସହିତ ସଂଯୋଗ କରୁଛନ୍ତି, ଯାହାଫଳରେ ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମୁଦାୟ ଉପକୃତ ହୋଇପାରିଛନ୍ତି ।

ଏହାବ୍ୟତୀତ ବନ ସୁରକ୍ଷା ସମିତି ଗୁଡ଼ିକୁ ବିଭିନ୍ନ କାର୍ଯ୍ୟ ସଂଚାଳନ କରିବାପାଇଁ ସମ୍ପ୍ରସାରଣ ପର୍ଯ୍ୟାୟରେ ୨୫୦ ଗୋଟି ବନ ସୁରକ୍ଷା ସମିତି ଗୃହ ତଥା ରୋଜଗାର ସୁବିଧା କେନ୍ଦ୍ର ନିର୍ମାଣର ବ୍ୟବସ୍ଥା କରାଯାଇଛି ।

## ୧.୪ ସଂସ୍ଥାଗତ ବ୍ୟବସ୍ଥା

ରାଜ୍ୟରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି (ଓଏଫଏସଡିଏସ)ର ରାଜ୍ୟ ପ୍ରକଳ୍ପ ପରିଚାଳନା ଏକକରେ ସ୍ୱତନ୍ତ୍ର ଭାବରେ ଆମ ଜଙ୍ଗଲ ଯୋଜନା ସେଲ୍ କାର୍ଯ୍ୟ କରୁଅଛି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଏକ ପଞ୍ଜୀକୃତ ସ୍ୱୟଂଶାସିତ ସଂସ୍ଥା । ସୋସାଇଟି ପଞ୍ଜୀକରଣ ଆଇନ-୧୮୬୦ ଅଧୀନରେ ଏହି ସଂସ୍ଥା ପଞ୍ଜୀକୃତ ହୋଇଛି, ଯାହାର ପଞ୍ଜୀକରଣ ନଂ ହେଉଛି- ୨୨୩୨୧/୪୯, ୨୦୦୬-୦୭ । ବର୍ତ୍ତମାନ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ମାଧ୍ୟମରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-(ଦ୍ୱିତୀୟ ପର୍ଯ୍ୟାୟ), ଆମ ଜଙ୍ଗଲ ଯୋଜନା ଓ OFSDS-OMBADC ଜୀବିକା ଉନ୍ନୟନ ପ୍ରକଳ୍ପ ଭଳି ୩ଗୋଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି ।

### କ. ରାଜ୍ୟସ୍ତରୀୟ ବ୍ୟବସ୍ଥା (ଏଚପିସି, ଜିବି ଏବଂ ପିଏମୟୁ)

ରାଜ୍ୟସ୍ତରରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି (HPC) ରହିଅଛି, ଯାହା ବାର୍ଷିକ କାର୍ଯ୍ୟ ଯୋଜନା, ବଜେଟ୍ ଏବଂ ପ୍ରକଳ୍ପ କାର୍ଯ୍ୟକଳାପର ସାମଗ୍ରିକ ତଦାରଖ ସମ୍ବନ୍ଧୀୟ ପ୍ରମୁଖ ନୀତିଗତ ନିଷ୍ପତ୍ତି ନେଇଥାନ୍ତି । ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୧୪ ଜଣ ସଦସ୍ୟ ଏବଂ ଉପାଧ୍ୟକ୍ଷ ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରହିଛନ୍ତି । ରାଜ୍ୟସ୍ତରରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ସଦସ୍ୟ ସଚିବ ଅଟନ୍ତି । ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ, ଗ୍ରାମ୍ୟ ଉନ୍ନୟନ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଥିବା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟାପ୍ରାଣୀ ତତ୍ତ୍ୱାବଧାରକ ସଦସ୍ୟ ଅଛନ୍ତି ।

ରାଜ୍ୟସ୍ତରରେ ଏକ ପରିଚାଳନା କମିଟି / ଗଭର୍ଣ୍ଣିଂ ବଡି (GB) ମଧ୍ୟ ଅଛି, ଯେ କି ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ୍, ପ୍ରକଳ୍ପ କାର୍ଯ୍ୟକଳାପର ସାମଗ୍ରିକ ତଦାରଖ ସମ୍ବନ୍ଧୀୟ ନୀତିଗତ ନିଷ୍ପତ୍ତି ନେଇଥାନ୍ତି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ଅଧ୍ୟକ୍ଷ ଅଟନ୍ତି । ଅନ୍ୟ ୫ ଜଣ ସଦସ୍ୟ ହେଲେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ), ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ, ଜାତୀୟ ଗ୍ରାମୀଣ ଜୀବିକା ମିଶନ୍‌ର ନିର୍ଦ୍ଦେଶକ, ଏବଂ ଜଣେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧି । ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଏହି ପରିଚାଳନା କମିଟିର ସଦସ୍ୟ ସଚିବ ଅଟନ୍ତି ।

ଆମ ଜଙ୍ଗଲ ଯୋଜନା ପ୍ରକଳ୍ପର ଯୋଜନା ପ୍ରସ୍ତୁତି, କାର୍ଯ୍ୟକାରିତା ଏବଂ ତଦାରଖର ଭୌତିକ ଅଗ୍ରଗତି OFSDS ରେ ଅବସ୍ଥିତ ଆମ ଜଙ୍ଗଲ ଯୋଜନା କକ୍ଷ ଦ୍ୱାରା ସମ୍ପାଦିତ ହୁଏ । ଆମ ଜଙ୍ଗଲ ଯୋଜନା କକ୍ଷର କାର୍ଯ୍ୟକାରିତା, ତଦାରଖ ଏବଂ ମୂଲ୍ୟାୟନ (IME), ଜୀବିକା ଏବଂ ସମନ୍ୱୟ (L&C), ପ୍ରଚାର ଏବଂ ପ୍ରଶିକ୍ଷଣ (P&T), ଅର୍ଥ ଏବଂ ପ୍ରଶାସନ (F&A) ପାଇଁ ପୃଥକ ୟୁନିଟ୍ ରହିଛି । ଏହି ୟୁନିଟ୍ ଗୁଡ଼ିକର ନେତୃତ୍ୱ ନେଉଛନ୍ତି ଉପପ୍ରକଳ୍ପ ନିର୍ଦ୍ଦେଶକ (ଅର୍ଥ ଓ ପ୍ରଶାସନ) ଏବଂ ବିଷୟବସ୍ତୁ ବିଶେଷଜ୍ଞ । ଉପରୋକ୍ତ ୟୁନିଟ୍‌ର ମୁଖ୍ୟମାନେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଉତ୍ତରଦାୟୀ ରହନ୍ତି, ଯିଏ କି ରାଜ୍ୟ ପ୍ରକଳ୍ପ ପରିଚାଳନା ଏକକ ଅନ୍ତର୍ଗତ ଆମ ଜଙ୍ଗଲ ଯୋଜନା କକ୍ଷର ସମସ୍ତ କାର୍ଯ୍ୟ ତଦାରଖ କରନ୍ତି ।

## ଚିତ୍ର: ୧.୨ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଏବଂ ଆମ ଜଙ୍ଗଲ ଯୋଜନାର ସଂରଚନା ଶୈଳୀ (ଅର୍ଗାନୋଗ୍ରାମ)




### ଆମ ଜଙ୍ଗଲ ଯୋଜନାର ସଂରଚନା ଶୈଳୀ



### ଖ. ଆଞ୍ଚଳିକ ସ୍ତରୀୟ ବ୍ୟବସ୍ଥା

ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ସମସ୍ତ ବନଖଣ୍ଡ ରାଜ୍ୟର ସାତଗୋଟି ବନ ମଣ୍ଡଳ (ସର୍କଲ) ଅଧୀନରେ ଆସିଥାଏ, ଯଥା- ଅନୁଗୁଳ, ବ୍ରହ୍ମପୁର, କୋରାପୁଟ, ରାଉରକେଲା, ବାରିପଦା, ଭବାନୀପାଟଣା ଓ ସମ୍ବଲପୁର । ସର୍କଲ ସ୍ତରରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (RCCF)ଙ୍କୁ ନିଜ ନିଜ ଅଞ୍ଚଳରେ ଆମ ଜଙ୍ଗଲ ଯୋଜନା ଅଧୀନରେ କରାଯାଉଥିବା କାର୍ଯ୍ୟକ୍ରମର ତଦାରଖ ପାଇଁ ନିୟୋଜିତ କରାଯାଇଛି । ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (RCCF) ମାନଙ୍କର ସେମାନଙ୍କ ଅଧୀନରେ ଥିବା ବନଖଣ୍ଡ ଗୁଡ଼ିକ ଉପରେ ପ୍ରଶାସନିକ ଏବଂ ଆର୍ଥିକ ନିୟନ୍ତ୍ରଣ ରହିଛି ।

### ଗ. ବନଖଣ୍ଡ ସ୍ତରୀୟ ବ୍ୟବସ୍ଥା

ଆମ ଜଙ୍ଗଲ ଯୋଜନା ଅଧୀନରେ ଥିବା ଡିଭିଜନାଲ ମ୍ୟାନେଜମେଣ୍ଟ ୟୁନିଟ୍ (DMU)ର ମୁଖ୍ୟ ହେଉଛନ୍ତି ବନଖଣ୍ଡ ଅଧିକାରୀ ବା ଡିଭିଜନାଲ ଫରେଷ୍ଟ ଅଫିସର, ଯେଉଁମାନେ ଉଗଟର କାର୍ଯ୍ୟନିର୍ବାହୀ ମୁଖ୍ୟ ମଧ ଅଟନ୍ତି । ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ସେମାନଙ୍କୁ ସହକାରୀ ବନ ସଂରକ୍ଷକ/ ସହକାରୀ DMU ମୁଖ୍ୟ ମାନେ ସହଯୋଗ କରିଥାନ୍ତି । ବନଖଣ୍ଡ ସ୍ତରରେ ପ୍ରକଳ୍ପ କାର୍ଯ୍ୟର ଫଳପ୍ରଦ ରୂପାୟନ ପାଇଁ ଖଣ୍ଡୀୟ ବନ ଅଧିକାରୀମାନେ ଦାୟୀ । ପ୍ରକଳ୍ପ କାର୍ଯ୍ୟକୁ ସୁରୁଖୁରୁରେ ଏବଂ ସ୍ୱଚ୍ଛ ଭାବେ କାର୍ଯ୍ୟକାରୀ କରିବା ପାଇଁ ଖଣ୍ଡୀୟ ପରିଚାଳନା ଏକକ ଗୁଡ଼ିକର ରେଞ୍ଜମାନଙ୍କ ଉପରେ ଆର୍ଥିକ ଏବଂ ପ୍ରଶାସନିକ ନିୟନ୍ତ୍ରଣ ରହିଥାଏ ।

### ଘ. ବନାଞ୍ଚଳ / ରେଞ୍ଜ ସ୍ତରୀୟ ବ୍ୟବସ୍ଥା

କ୍ଷେତ୍ରୀୟ ପରିଚାଳନା ଏକକ/ ଫିଲ୍ଡ ମ୍ୟାନେଜମେଣ୍ଟ ୟୁନିଟ୍ (FMU) ସେମାନଙ୍କ ଅଧୀନରେ ଥିବା ବନ ସୁରକ୍ଷା ସମିତି ସ୍ତରରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଏବଂ ତଦାରଖ କରିବା ପାଇଁ ସିଧାସଳଖ ଭାବେ ଉତ୍ତରଦାୟୀ । ଫରେଷ୍ଟ ରେଞ୍ଜ ଅଫିସରମାନେ FMUର କାର୍ଯ୍ୟନିର୍ବାହୀ ମୁଖ୍ୟ ଅଟନ୍ତି । ଆମ ଜଙ୍ଗଲ ଯୋଜନା ସମେତ ବିଭିନ୍ନ କାର୍ଯ୍ୟକଳାପକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ପାଇଁ FMU ମୁଖ୍ୟ ସେମାନଙ୍କ ଅଧୀନରେ ଥିବା ବନ ସୁରକ୍ଷା ସମିତି ଗୁଡ଼ିକୁ ସମସ୍ତ ସହାୟତା ପ୍ରଦାନ କରିଥାନ୍ତି ।

### ଙ. ବନ ସୁରକ୍ଷା ସମିତି (VSS)

ବନ ସୁରକ୍ଷା ସମିତି (VSS) ହେଉଛି ଗୋଷ୍ଠୀସ୍ତରୀୟ ଅନୁଷ୍ଠାନ ଯାହାକୁ କ୍ଷେତ୍ରୀୟ ପରିଚାଳନା ଏକକ (FMU) ଏବଂ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (P-NGO)ଟିମର ସହାୟତାରେ ଆମ ଜଙ୍ଗଲ ଯୋଜନାର ସମସ୍ତ କାର୍ଯ୍ୟ କାର୍ଯ୍ୟକାରୀ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ବନ ସୁରକ୍ଷା ସମିତି (VSS) ରେ ୧୪ ଜଣ ନିର୍ବାଚିତ ସଦସ୍ୟଙ୍କୁ ନେଇ ଏକ କାର୍ଯ୍ୟନିର୍ବାହୀ କମିଟି ରହିଛି, ଯେଉଁଥିରେ ବନ ସୁରକ୍ଷା ସମିତି ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ଜଣେ ଅଧ୍ୟକ୍ଷ ରହିଥାନ୍ତି । ଏହାବ୍ୟତୀତ VSSର ଏକ ସାଧାରଣ ପରିଷଦ ରହିଛି, ଯେଉଁଥିରେ ସମ୍ପୃକ୍ତ ରାଜସ୍ୱ ଗ୍ରାମର ସମସ୍ତ ସାବାଳକ ସଦସ୍ୟ ସଭ୍ୟ ଭାବରେ ରହିଥାନ୍ତି । ଓଡ଼ିଶା ଯୁଗ୍ମ ଜଙ୍ଗଲ ପରିଚାଳନା ସଂକଳ୍ପ, ୨୦୧୧ ଅଧୀନରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଏବଂ ୨୦୧୫ ସଂକଳ୍ପ ଓ ତତ୍ ସମ୍ବନ୍ଧୀୟ ସଂଶୋଧନକୁ ଆଧାର କରି ଆମ ଜଙ୍ଗଲ ଯୋଜନା ସହାୟତାରେ ଗ୍ରାମ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ସେମାନେ କାର୍ଯ୍ୟ କରିଥାନ୍ତି ।

## ୧.୫: ପ୍ରକଳ୍ପ ବ୍ୟୟବରାଦ

### କ) କାର୍ଯ୍ୟକାରୀତା ପର୍ଯ୍ୟାୟରେ ପ୍ରକଳ୍ପର ବ୍ୟୟବରାଦ:

କାର୍ଯ୍ୟକାରୀତା ପର୍ଯ୍ୟାୟରେ (୨୦୧୬-୧୭ରୁ ୨୦୨୧-୨୨) ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୧୧୭୦.୦୨ କୋଟି ଟଙ୍କା ଥିଲା ଯାହା ନିମ୍ନଲିଖିତ ସୂତ୍ରରୁ ନିର୍ଦ୍ଧାରିତ ହୋଇଥିଲା:

କ. ରାଜ୍ୟ କାମ୍ପାରୁ ୫୧୧.୩୧ କୋଟି ଟଙ୍କା ।

ଖ. ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ରୁ ୨୮୫.୩୫ କୋଟି ଟଙ୍କା ।

ଗ. ମନରେଗାରୁ କାର୍ଯ୍ୟକ୍ରମ ସମନ୍ୱୟ ମାଧ୍ୟମରେ ୩୨୨.୧୮ କୋଟି ଟଙ୍କା ଏବଂ

ଘ. ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଜରିଆରେ ଏନଆରଏଲଏମ (NRLM)ରୁ ୫୧.୧୯ କୋଟି ଟଙ୍କା ।

ଅବଶ୍ୟ କାର୍ଯ୍ୟକାରୀତା ପର୍ଯ୍ୟାୟରେ ପ୍ରମୁଖ ଆର୍ଥିକ ସହାୟତା କେବଳ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ଏବଂ ରାଜ୍ୟ କ୍ୟାମ୍ପା ମାଧ୍ୟମରେ ଓଡ଼ିଶା ସରକାରଙ୍କଠାରୁ ମିଳିଥିଲା, ଯାହାର ବିବରଣୀ ଅଧ୍ୟାୟ-୧୧ (ଆର୍ଥିକ ପରିଚାଳନା)ରେ ଦର୍ଶାଯାଇଛି ।

### ଖ) ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ ପ୍ରକଳ୍ପ ବ୍ୟୟବରାଦ

ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ (୨୦୨୨-୨୩ରୁ ୨୦୨୪-୨୫) ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ରୁ ୪୫.୭୦ କୋଟି ଟଙ୍କା ଏବଂ ରାଜ୍ୟ କ୍ୟାମ୍ପାରୁ ୭୬.୦୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଜଙ୍ଗଲ ପୁନରୁଦ୍ଧାର (ରକ୍ଷଣାବେକ୍ଷଣ) ପାଇଁ କାମ୍ପା ପାଣ୍ଠି ଉପଯୋଗ କରାଯାଉଥିବା ବେଳେ ପରିଚାଳନାଗତ ଖର୍ଚ୍ଚ (ସପୋର୍ଟ ଷ୍ଟାଫ ଏବଂ ପିଏନଜିଓ ନିଯୁକ୍ତ) ଏବଂ ବନ ସୁରକ୍ଷା ସମିତି ଗୃହ ନିର୍ମାଣ ପାଇଁ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ପାଣ୍ଠିରୁ ବ୍ୟବସ୍ଥା କରାଯାଇଛି ।

**ସାରଣୀ-୧.୨: ରକ୍ଷଣାବେକ୍ଷଣ ପର୍ଯ୍ୟାୟ (୨୦୨୨-୨୩ରୁ ୨୦୨୪-୨୫) ସମୟରେ ବର୍ଷଅନୁଯାୟୀ ପାଣ୍ଠି ଆବଣ୍ଟନ**

*ଲକ୍ଷ ଟଙ୍କାରେ

| ଉତ୍ସ | ପାଣ୍ଠି ଆବେଦନ | | | ସମୁଦାୟ |
|---|---|---|---|---|
| | ୨୦୨୨-୨୩ | ୨୦୨୩-୨୪ | ୨୦୨୪-୨୫ | |
| ରାଜ୍ୟ ଯୋଜନା (ଯୋଜନା ବ୍ୟୟ) | ୧୮୧୫.୦୦ | ୧୬୨୪.୮୦ | ୧୧୩୦.୪୬ | ୪୫୭୦.୨୬ |
| ରାଜ୍ୟ କାମ୍ପା | ୩୯୩୦.୦୦ | ୨୩୭୫.୦୦ | ୧୩୦୦.୦୦ | ୭୬୦୫.୦୦ |
| ମୋଟ | ୫୭୪୫.୦୦ | ୩୯୯୯.୮୦ | ୨୪୩୦.୪୬ | ୧୨୧୭୫.୨୬ |

# ଅଧ୍ୟାୟ ୨

## ଗୋଷ୍ଠୀ ସଂଚାଳନ ଓ ଅନୁଷ୍ଠାନ ଗଠନ

ଲୋକଙ୍କ ଭାଗୀଦାରୀରେ ଜଙ୍ଗଲ ସନ୍ନିକଟ ବାସିନ୍ଦା ମାନଙ୍କର ଜଙ୍ଗଲ କୈନ୍ଦ୍ରିକ ସାମଗ୍ରିକ ବିକାଶ ଆମ ଜଙ୍ଗଲ ଯୋଜନାର ମୂଳମନ୍ତ୍ର ଅଟେ। ତେଣୁ, ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ସମ୍ପ୍ରଦାୟ ମାନଙ୍କର ସଂଗଠନ ଏବଂ ଗୋଷ୍ଠୀ ଅନୁଷ୍ଠାନଗୁଡିକର ସୁଦୃଢୀକରଣ ଏହି ପ୍ରକଳ୍ପର ପ୍ରମୁଖ କାର୍ଯ୍ୟ ଭାବରେ ବିବେଚନା କରାଯାଏ। ଆମ ଜଙ୍ଗଲ ଯୋଜନାରେ ବନ ସୁରକ୍ଷା ସମିତି (VSS) ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ହେଉଛି ପ୍ରମୁଖ ତୃଣମୂଳ ସ୍ତରୀୟ ଅନୁଷ୍ଠାନ, ଯାହା ମାଧ୍ୟମରେ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥାଏ। ତେଣୁ ଏହି ଅନୁଷ୍ଠାନଗୁଡିକର ସୁଦୃଢୀକରଣକୁ ଆମ ଜଙ୍ଗଲ ଯୋଜନାରେ ପ୍ରାଧାନ୍ୟ ଦିଆଯାଇଛି। ପ୍ରକଳ୍ପ ଗ୍ରାମ ଗୁଡିକରେ ଅଣୁଯୋଜନା ପ୍ରସ୍ତୁତି, ଗୋଷ୍ଠୀ ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି, ସଠିକ ଭାବେ ବନ ସୁରକ୍ଷା ସମିତି ର ସଭା ପରିଚାଳନା, ଅନ୍ୟାନ୍ୟ ସରକାରୀ ବିଭାଗ ସହିତ ଆନ୍ତଃ – ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ଜୀବିକା ସହାୟତା ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ ହେଉଛି ଗୋଷ୍ଠୀ ସଂଚାଳନ ତଥା ଅନୁଷ୍ଠାନ ଗଠନ ଅନ୍ତର୍ଗତ ମୁଖ୍ୟ କାର୍ଯ୍ୟକଳାପ।

ଆରମ୍ଭରୁ ଆମ ଜଙ୍ଗଲ ଯୋଜନା ନିର୍ଦ୍ଦିଷ୍ଟ ଗ୍ରାମ ଏବଂ ସ୍ଥାନୀୟ ସମସ୍ୟାର ସମାଧାନ ଉପରେ ଧ୍ୟାନ ଦେଉଥିଲା। ପ୍ରକଳ୍ପ କାର୍ଯ୍ୟକାରୀତାର ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ଗ୍ରାମରେ ସହଭାଗୀ ଅଣୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଅଣୁ ଯୋଜନାଗୁଡିକ କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମପଞ୍ଚାୟତର ସମ୍ପୃକ୍ତ ଗ୍ରାମସଭା ଦ୍ୱାରା ଅନୁମୋଦନ କରାଯାଇଛି। ଅଣୁ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ନିର୍ଦ୍ଧାରିତ କରାଯାଇଥିବା ଅନେକ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକଳାପ ଆଗାମୀ ୧୦ ବର୍ଷ ପାଇଁ, ଆବଶ୍ୟକ ସ୍ଥଳେ ସଂଶୋଧନ କରାଯାଇ ସମ୍ପୂର୍ଣ୍ଣ କରାଯାଇଥାଏ। ଏହା ବ୍ୟତୀତ, ପ୍ରକଳ୍ପ ଅଧୀନରେ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ଅନ୍ୟାନ୍ୟ ସରକାରୀ ବିଭାଗ, ବ୍ୟବସାୟୀକ ପ୍ରତିଷ୍ଠାନର ସାମାଜିକ ଦାୟିତ୍ୱବୋଧତା ପାଣ୍ଠି (CSR Fund) ଏବଂ NGO ମାନଙ୍କ ସହିତ ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ (IGA) ସହିତ ସଂଯୁକ୍ତ କରାଯାଇଛି। ପ୍ରକଳ୍ପ ଅଞ୍ଚଳରେ ସମସ୍ତ ଜଙ୍ଗଲ ଉନ୍ନୟନ ଭିତ୍ତିକ କାର୍ଯ୍ୟକ୍ରମ ଯୁଗ୍ମ ବନ ପରିଚାଳନା ପଦ୍ଧତିରେ ସମ୍ପର୍ଣ୍ଣ କରାଯାଉଛି ଏବଂ ବନ ସୁରକ୍ଷା ସମିତି ମାଧ୍ୟମରେ କାର୍ଯ୍ୟକାରୀ ହେଉଅଛି। ଅତଏବ ଯୋଜନା ପ୍ରସ୍ତୁତି, କାର୍ଯ୍ୟାନ୍ୱୟନ, ତଦାରଖ ଏବଂ ଆର୍ଥିକ ନିଷ୍ପତ୍ତି ନେବା ଇତ୍ୟାଦିରେ ବନ ସୁରକ୍ଷା ସମିତିମାନଙ୍କୁ କେନ୍ଦ୍ରୀୟ ଭୂମିକା ଦିଆଯାଇଛି।

### ୨.୧ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନ ସୁରକ୍ଷା ସମିତି ଗୁଡ଼ିକର ସଶକ୍ତିକରଣ

ସୁ-ସ୍ଥାୟୀ ତଥା ସହଭାଗୀ ଜଙ୍ଗଲ ପରିଚାଳନାର ଏକ ବ୍ୟାପକ ଉଦ୍ଦେଶ୍ୟ ହାସଲ କରିବା ଦିଗରେ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକୁ ମଜବୁତ କରିବା ହେଉଛି ଆମ ଜଙ୍ଗଲ ଯୋଜନାର ମୂଖ୍ୟ ଉଦ୍ଦେଶ୍ୟ। ଏହି ଅନୁଯାୟୀ ସମସ୍ତ ୪୬୦୧ ବନ ସୁରକ୍ଷା ସମିତିରେ ଗଠନ/ପୁନର୍ଗଠନ ସହିତ ସେମାନଙ୍କର ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରାଯାଇଛି। ତୃଣମୂଳ ସ୍ତରର ସଂଗଠନଗୁଡ଼ିକୁ ମଜବୁତ କରିବା ପାଇଁ ସମସ୍ତ ବନ ସୁରକ୍ଷା ସମିତି ରେ ସହଭାଗୀ ଗ୍ରାମୀଣ ଅବଧାରଣା ଏବଂ ଅଣୁ ଯୋଜନା, ବନ ସୁରକ୍ଷା ସମିତି ବୈଠକ, ଜଙ୍ଗଲ ସୁରକ୍ଷା ଏବଂ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ସଚେତନତା ଅଭିଯାନ ସବୁ ଆୟୋଜନ କରାଯାଉଛି। ଯୁଗ୍ମ ଜଙ୍ଗଲ ପରିଚାଳନା ନୀତି ଅନୁସରଣ କରି ସ୍ଥାନୀୟ ସମ୍ପ୍ରଦାୟ (VSS) ର ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଆମ ଜଙ୍ଗଲ ଯୋଜନାର ସମସ୍ତ କାର୍ଯ୍ୟକ୍ରମ ସଂପାଦନ କରାଯାଉଛି।

ସମସ୍ତ ପ୍ରକାର ଗୋଷ୍ଠୀ ବିକାଶମୂଳକ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ବନ ସୁରକ୍ଷା ସମିତି (VSS) ଏକ ଗ୍ରାମ ମଧ୍ୟରେ ଅବସ୍ଥିତ ତୃଣମୂଳ ଅନୁଷ୍ଠାନ। ଏଣୁ ବନ ସୁରକ୍ଷା ସମିତିର ସୁଦୃଢ଼ୀକରଣକୁ ଆମ ଜଙ୍ଗଲ ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ବନ ସୁରକ୍ଷା ସମିତିର ଗଠନ/ ପୁନର୍ଗଠନ ହେଉଛି ପ୍ରକଳ୍ପର ପ୍ରାଥମିକ କାର୍ଯ୍ୟ। ମାର୍ଚ୍ଚ ୨୦୨୪ ସୁଦ୍ଧା, ପ୍ରକଳ୍ପ ଉପାଦାନଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ୪୬୦୧ ସଂଖ୍ୟକ ବନ ସୁରକ୍ଷା ସମିତିକୁ ପ୍ରକଳ୍ପର ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସମସ୍ତ ୪୬୦୧ ସଂଖ୍ୟକ ବନ ସୁରକ୍ଷା ସମିତିର ସଦସ୍ୟମାନଙ୍କୁ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମ ଦିଆଯାଇଛି। (ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ସମୁଦାୟ ବନ ସୁରକ୍ଷା ସମିତିର ତଥ୍ୟ ଟେବୁଲ୍ ନଂ-୨.୧ ରେ ପ୍ରଦାନ କରାଯାଇଛି ଏବଂ ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିବା ବନ ସୁରକ୍ଷା ସମିତିର ସଂଖ୍ୟା ଟେବୁଲ୍ ନଂ -୨ ରେ ପ୍ରଦାନ କରାଯାଇଛି।

ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ବନବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ ୨୦୦୬ ଅନୁଯାୟୀ, ବନ ସୁରକ୍ଷା ସମିତିର କାର୍ଯ୍ୟନିର୍ବାହୀ କମିଟି ସେମାନଙ୍କୁ ହସ୍ତାନ୍ତର କରାଯାଇଥିବା ଜଙ୍ଗଲ ଅଞ୍ଚଳରେ ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ତଥା ନିରନ୍ତର ପରିଚାଳନା ପାଇଁ ଗ୍ରାମ ସଭାର ଉପ-କମିଟି ଭାବରେ କାର୍ଯ୍ୟ କରିଥାଏ। ଏହି ପରିପ୍ରେକ୍ଷୀରେ, ସମସ୍ତ ୪୬୦୧ ବନ ସୁରକ୍ଷା ସମିତିର ଗ୍ରାମ ସଭାରେ ସଂକଳ୍ପ ପାରିତ ହୋଇଛି ଏବଂ ବନ ସୁରକ୍ଷା ସମିତିର କାର୍ଯ୍ୟନିର୍ବାହୀ କମିଟିଗୁଡ଼ିକ ସମ୍ପୃକ୍ତ ଗ୍ରାମ ସଭାଗୁଡ଼ିକର ଉପ-କମିଟି ଭାବରେ କାର୍ଯ୍ୟ କରିବାକୁ ଅନୁମତି ପ୍ରାପ୍ତ ହେଇଛନ୍ତି।

ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ସମସ୍ତ ବନ ସୁରକ୍ଷା ସମିତି ନିଜ ନିଜ ଗ୍ରାମରେ ଅଣୁ ଯୋଜନା ପ୍ରସ୍ତୁତି ସଂପୂର୍ଣ୍ଣ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବନ ସୁରକ୍ଷା ସମିତିର ଅଣୁ ଯୋଜନା ପ୍ରସ୍ତୁତିର ବନଖଣ୍ଡଓ୍ୱାରୀ ବିବରଣୀ ସାରଣୀ ନଂ୨-୩ ରେ ପ୍ରଦାନ କରାଯାଇଛି। ଏହା ବ୍ୟତୀତ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ବନ ସୁରକ୍ଷା ସମିତିର ନିୟମିତ ମାସିକ ବୈଠକ ଅନୁଷ୍ଠିତ ହେଉଅଛି। ବନ ସୁରକ୍ଷା ସମିତି ସଦସ୍ୟମାନଙ୍କ ମଧ୍ୟରେ ନିୟମିତ ଯୋଗାଯୋଗକୁ ସୁଗମ କରିବା ପାଇଁ ଅଦ୍ୟାବଧି ମୋଟ ୮୯,୩୯୦ ସଂଖ୍ୟକ ବନ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ଏବଂ ସ୍ୱଚ୍ଛତା ପାଇଁ ସମସ୍ତ ବନ ସୁରକ୍ଷା ସମିତି ଦ୍ୱାରା ବାର୍ଷିକ ଦୁଇଗୋଟି ସାଧାରଣ ପରିଷଦ ବୈଠକର ଆୟୋଜନ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ବିଗତ ୪ ବର୍ଷ (୨୦୨୦-୨୧ ରୁ ୨୦୨୩-୨୪) ମଧ୍ୟରେ ଚାଲିଥିବା ବନ ସୁରକ୍ଷା ସମିତି ସ୍ତରୀୟ ସଭାର ବିବରଣୀ ସାରଣୀ ନଂ-୨.୪ ରେ ପ୍ରଦାନ କରାଯାଇଛି।

ଜଙ୍ଗଲ ସୁରକ୍ଷା ଏବଂ ସଂରକ୍ଷଣ, ଜୀବିକା ଏବଂ ଆୟ ଉତ୍ପାଦନ କାର୍ଯ୍ୟକଳାପର ବିଭିନ୍ନ ଉପାଦାନ ଉପରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ବନାଞ୍ଚଳ ଏବଂ ବନଖଣ୍ଡ ସ୍ତରରେ କରାଯାଇଅଛି। ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସଂପୂର୍ଣ୍ଣ ତଥ୍ୟ ଏହି ବାର୍ଷିକ ବିବରଣୀର ଦକ୍ଷତା ବିକାଶ ଅଧ୍ୟାୟରେ ସବିଶେଷ ବର୍ଣନା କରାଯାଇଛି (ଅଧ୍ୟାୟ -୮)।

### ସାରଣୀ ୨.୧ : ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନ ସୁରକ୍ଷା ସମିତିର ବର୍ଷୱାରୀ ତଥ୍ୟ

| କ୍ର ନଂ | ବନଖଣ୍ଡର ନାମ | ବନ ସୁରକ୍ଷା ସମିତି ସଂଖ୍ୟା | | | | | ମୋଟ |
|---|---|---|---|---|---|---|---|
| | | ୨୦୧୬-୧୭ | ୨୦୧୭-୧୮ | ୨୦୧୮-୧୯ | ୨୦୧୯-୨୦ | ୨୦୨୦-୨୧ | |
| ୧ | ବଣାଇ | ୯୯ | ୧୪ | ୦ | ୦ | ୨୦ | ୧୩୩ |
| ୨ | ରାଉରକେଲା | ୯୧ | ୨୦ | ୨୦ | ୨୦ | ୩୦ | ୧୮୦ |
| ୩ | ଦେଓଗଡ | ୮୬ | ୨୦ | ୨୦ | ୨୦ | ୨୩ | ୧୬୯ |
| ୪ | ଜୟପୁର | ୮୫ | ୨୦ | ୨୦ | ୨୦ | ୭୦ | ୨୧୫ |
| ୫ | କେଉଁଝର | ୯୫ | ୨୦ | ୨୦ | ୨୦ | ୨୫ | ୧୮୦ |
| ୬ | ପାରଳାଖେମୁଣ୍ଡି | ୧୨୦ | ୨୦ | ୨୦ | ୨୦ | ୨୦ | ୨୦୦ |
| ୭ | ଅନୁଗୁଳ | ୫୬ | ୨୦ | ୨୦ | ୨୦ | ୮ | ୧୨୪ |
| ୮ | କୋରାପୁଟ | ୧୨୫ | ୨୦ | ୨୦ | ୨୦ | ୯୦ | ୨୭୫ |
| ୯ | ବାଲେଶ୍ୱର ବନ୍ୟପ୍ରାଣୀ | ୨୦ | ୨୦ | ୦ | ୧୫ | ୨ | ୫୭ |
| ୧୦ | ଫୁଲବାଣୀ | ୧୪୦ | ୨୦ | ୨୦ | ୪୦ | ୮୨ | ୩୦୨ |
| ୧୧ | ବାଲିଗୁଡା | ୧୦୦ | ୨୦ | ୨୦ | ୨୦ | ୪୦ | ୨୦୦ |
| ୧୨ | ରାୟଗଡା | ୧୪୦ | ୨୦ | ୨୦ | ୨୦ | ୯୦ | ୨୯୦ |
| ୧୩ | କେଉଁଝର ବନ୍ୟପ୍ରାଣୀ | ୧୦୦ | ୦ | ୦ | ୦ | ୩୦ | ୧୩୦ |
| ୧୪ | ସାତକୋଶିଆ ବନ୍ୟପ୍ରାଣୀ | ୩୧ | ୦ | ୦ | ୦ | ୦ | ୩୧ |
| ୧୫ | ବାମରା ବନ୍ୟପ୍ରାଣୀ | ୭୧ | ୨୦ | ୨୦ | ୨୦ | ୨୭ | ୧୫୮ |
| ୧୬ | ବଲାଙ୍ଗୀର | ୧୪୦ | ୨୦ | ୪୦ | ୫୦ | ୪୦ | ୨୯୦ |
| ୧୭ | ଖରିଆର | ୧୪୦ | ୨୦ | ୪୦ | ୪୦ | ୨୫ | ୨୬୫ |
| ୧୮ | ବରଗଡ | ୮୦ | ୨୦ | ୨୦ | ୨୦ | ୧୧ | ୧୫୧ |
| ୧୯ | ମାଲକାନଗିରି | ୮୦ | ୨୦ | ୪୦ | ୪୦ | ୩୦ | ୨୧୦ |
| ୨୦ | କଳାହାଣ୍ଡି (ଦକ୍ଷିଣ) | ୧୨୫ | ୨୦ | ୬୦ | ୬୫ | ୮୪ | ୩୫୪ |
| ୨୧ | କଳାହାଣ୍ଡି (ଉତ୍ତର) | ୧୬୦ | ୨୦ | ୪୦ | ୩୦ | ୮୪ | ୩୩୪ |
| ୨୨ | ନବରଙ୍ଗପୁର | - | ୯୮ | ୪୦ | ୨୦ | ୩୪ | ୧୯୨ |
| ୨୩ | ରେଢାଖୋଲ | - | ୮୦ | ୪୦ | ୨୦ | ୨୦ | ୧୬୦ |
| | **ମୋଟ** | **୨୦୮୪** | **୫୫୨** | **୫୪୦** | **୫୪୦** | **୮୮୫** | **୪୬୦୧** |

*ପ୍ରକଳ୍ପର ଅନ୍ତିମ ପର୍ଯ୍ୟାୟ ହେତୁ ୨୦୨୦-୨୧ ବର୍ଷ ପର ଠାରୁ ନୂତନ ବନ ସୁରକ୍ଷା ସମିତିର ଗଠନ / ପୁନର୍ଗଠନ ହୋଇନାହିଁ ।

*VSS ଉପଲବ୍ଧ ନଥିବାରୁ ବର୍ଷ ୨୦୧୭-୧୮ ପରଠାରୁ ସାତକୋଶିଆ (ବନ୍ୟପ୍ରାଣୀ) ବନଖଣ୍ଡରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି ।

**ସାରଣୀ ୨.୨ : ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ VSS ର ସଂଖ୍ୟା**

| କ୍ର ନଂ | ବନଖଣ୍ଡ | କେଉଁ ବର୍ଷରୁ VSS ଗୁଡ଼ିକ VSS ରେ ଅନ୍ତର୍ଭୁକ୍ତ ହେଲା | | | ମୋଟ |
|---|---|---|---|---|---|
| | | ୨୦୧୮-୧୯ | ୨୦୧୯-୨୦ | ୨୦୨୦-୨୧ | |
| ୧ | ବଣାଇ | ୦ | ୦ | ୨୦ | ୧୩୩ |
| ୨ | ରାଉରକେଲା | ୨୦ | ୨୦ | ୨୯ | ୧୮୦ |
| ୩ | ଦେଓଗଡ | ୨୦ | ୨୦ | ୨୩ | ୧୬୯ |
| ୪ | ଜୟପୁର | ୨୦ | ୨୦ | ୭୦ | ୨୧୫ |
| ୫ | କେଉଁଝର | ୨୦ | ୨୦ | ୨୫ | ୧୮୦ |
| ୬ | ପାରଳାଖେମୁଣ୍ଡି | ୨୦ | ୨୦ | ୨୦ | ୨୦୦ |
| ୭ | ଅନୁଗୁଳ | ୨୦ | ୨୦ | ୮ | ୧୨୪ |
| ୮ | କୋରାପୁଟ | ୨୦ | ୨୦ | ୯୦ | ୨୭୫ |
| ୯ | ବାଲେଶ୍ୱର ବନ୍ୟପ୍ରାଣୀ | ୦ | ୧୫ | ୨ | ୫୭ |
| ୧୦ | ଫୁଲବାଣୀ | ୨୦ | ୪୦ | ୮୨ | ୩୦୨ |
| ୧୧ | ବାଲିଗୁଡା | ୨୦ | ୨୦ | ୪୦ | ୨୦୦ |
| ୧୨ | ରାୟଗଡା | ୨୦ | ୨୦ | ୯୦ | ୨୯୦ |
| ୧୩ | କେଉଁଝର ବନ୍ୟପ୍ରାଣୀ | ୦ | ୦ | ୩୦ | ୧୩୦ |
| ୧୪ | ସାତକୋଶିଆ ବନ୍ୟପ୍ରାଣୀ | ୦ | ୦ | ୦ | ୩୧ |
| ୧୫ | ବାମରା ବନ୍ୟପ୍ରାଣୀ | ୨୦ | ୨୦ | ୨୭ | ୧୫୮ |
| ୧୬ | ବଲାଙ୍ଗୀର | ୪୦ | ୫୦ | ୪୦ | ୨୯୦ |
| ୧୭ | ଖରିଆର | ୪୦ | ୪୦ | ୨୫ | ୨୬୫ |
| ୧୮ | ବରଗଡ | ୨୦ | ୨୦ | ୧୧ | ୧୫୧ |
| ୧୯ | ମାଲକାନଗିରି | ୪୦ | ୪୦ | ୩୦ | ୨୧୦ |
| ୨୦ | କଳାହାଣ୍ଡି (ଦକ୍ଷିଣ) | ୬୦ | ୬୫ | ୮୪ | ୩୫୪ |
| ୨୧ | କଳାହାଣ୍ଡି (ଉତ୍ତର) | ୪୦ | ୩୦ | ୮୪ | ୩୩୪ |
| ୨୨ | ନବରଙ୍ଗପୁର | ୪୦ | ୨୦ | ୩୪ | ୧୯୨ |
| ୨୩ | ରେଢାଖୋଲ | ୪୦ | ୨୦ | ୨୦ | ୧୬୦ |
| | ମୋଟ | **୫୪୦** | **୫୪୦** | **୮୮୪** | **୧୯୬୪** |

*ରାଉରକେଲା ବନଖଣ୍ଡ ଅଧୀନରେ ଥିବା ଗୋଟିଏ ବନ ସୁରକ୍ଷା ସମିତିରେ ଅନ୍ତର୍ନିହିତ ବିବାଦ କାରଣରୁ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ କରାଯାଇ ନାହିଁ।

** ଉପରୋକ୍ତ ୧୯୬୪ ବନ ସୁରକ୍ଷା ସମିତି ମଧ୍ୟରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୧୯୬୪ ଗୋଟି ବନ ସୁରକ୍ଷା ସମିତିରେ ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ଏଥିସହିତ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪୨୪ ଗୋଟି ବନ ସୁରକ୍ଷା ସମିତିରେ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୮୨୪ ଗୋଟି ବନ ସୁରକ୍ଷା ସମିତିରେ ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ସମସ୍ତ ୧୯୬୪ ଗୋଟି ବନ ସୁରକ୍ଷା ସମିତିରେ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଗୋଷ୍ଠୀ ବିକାଶ କାର୍ଯ୍ୟକଳାପ ଜାରି ରଖିବାକୁ ପ୍ରସ୍ତାବ ଦିଆଯାଇଛି।

**ସାରଣୀ ୨.୩ : ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ବନ ସୁରକ୍ଷା ସମିତିରେ ଅଣୁ ଯୋଜନା ବନଖଣ୍ଡ ସ୍ତରୀୟ ସ୍ଥିତି:**

| କ୍ର. ନଂ. | ବନଖଣ୍ଡର ନାମ | ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ବନ ସୁରକ୍ଷା ସମିତି ସଂଖ୍ୟା | ଅଣୁ ଯୋଜନା ସମାପ୍ତ କରିଥିବା ବନ ସୁରକ୍ଷା ସମିତି ସଂଖ୍ୟା | ଗ୍ରାମ ସଭାରେ ଅନୁମୋଦିତ ଅଣୁ ଯୋଜନା ସଂଖ୍ୟା |
|---|---|---|---|---|
| ୧ | ଅନୁଗୁଳ | ୧୨୪ | ୧୨୪ | ୧୨୪ |
| ୨ | ବାଲେଶ୍ୱର ବନ୍ୟପ୍ରାଣୀ | ୫୭ | ୫୭ | ୫୭ |
| ୩ | ବାଲିଗୁଡା | ୨୦୦ | ୨୦୦ | ୨୦୦ |
| ୪ | ବାମରା ବନ୍ୟପ୍ରାଣୀ | ୧୫୮ | ୧୫୮ | ୧୫୮ |
| ୫ | ବରଗଡ | ୧୫୧ | ୧୫୧ | ୧୫୧ |
| ୬ | ବଲାଙ୍ଗୀର | ୨୯୦ | ୨୯୦ | ୨୯୦ |
| ୭ | ବଣାଇ | ୧୩୩ | ୧୩୩ | ୧୩୩ |
| ୮ | ଦେଓଗଡ଼ | ୧୬୯ | ୧୬୯ | ୧୬୯ |
| ୯ | ଜୟପୁର | ୨୧୫ | ୨୧୫ | ୨୧୫ |
| ୧୦ | କଳାହାଣ୍ଡି (ଉତ୍ତର) | ୩୩୪ | ୩୩୪ | ୩୩୪ |
| ୧୧ | କଳାହାଣ୍ଡି (ଦକ୍ଷିଣ) | ୩୫୪ | ୩୫୪ | ୩୫୪ |
| ୧୨ | କେଉଁଝର | ୧୮୦ | ୧୮୦ | ୧୮୦ |
| ୧୩ | କେଉଁଝର ବନ୍ୟପ୍ରାଣୀ | ୧୩୦ | ୧୩୦ | ୧୩୦ |
| ୧୪ | ଖରିଆର | ୨୬୫ | ୨୬୫ | ୨୬୫ |
| ୧୫ | କୋରାପୁଟ | ୨୭୫ | ୨୭୫ | ୨୭୫ |
| ୧୬ | ମାଲକାନଗିରି | ୨୧୦ | ୨୧୦ | ୨୧୦ |
| ୧୭ | ନବରଙ୍ଗପୁର | ୧୯୨ | ୧୯୨ | ୧୯୨ |
| ୧୮ | ପାରଳାଖେମୁଣ୍ଡି | ୨୦୦ | ୨୦୦ | ୨୦୦ |
| ୧୯ | ଫୁଲବାଣୀ | ୩୦୨ | ୩୦୨ | ୩୦୨ |
| ୨୦ | ରେଢାଖୋଲ | ୧୬୦ | ୧୬୦ | ୧୬୦ |
| ୨୧ | ରାୟଗଡା | ୨୯୦ | ୨୯୦ | ୨୯୦ |
| ୨୨ | ରାଉରକେଲା | ୧୮୧ | ୧୮୧ | ୧୮୧ |
| ୨୩ | ସାତକୋଶିଆ ବନ୍ୟପ୍ରାଣୀ | ୩୧ | ୩୦ | ୩୦ |
| | **ସର୍ବମୋଟ** | **୪୬୦୧** | **୪୬୦୧** | **୪୬୦୧** |

## ସାରଣୀ ୨.୪ : ବନଖଣ୍ଡଓ୍ୱାରୀ ବନ ସୁରକ୍ଷା ସମିତି ସ୍ତରୀୟ ବୈଠକ ସଂଖ୍ୟା (୨୦୨୩-୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ)

| କ୍ର. ନଂ. | ବନଖଣ୍ଡର ନାମ | ବନ ସୁରକ୍ଷା ସମିତି ସ୍ତରୀୟ ବୈଠକ ସଂଖ୍ୟା | | | | |
|---|---|---|---|---|---|---|
| | | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ | ମୋଟ |
| ୧ | ଅନୁଗୁଳ | ୬୦୩ | ୮୭୩ | ୭୪୭ | ୬୫୨ | ୨୮୭୫ |
| ୨ | ବାଲେଶ୍ୱର ବନ୍ୟପ୍ରାଣୀ | ୧୩୮ | ୨୦୯ | ୨୨୪ | ୨୦୮ | ୭୭୯ |
| ୩ | ବାଲିଗୁଡା | ୮୪୩ | ୮୨୦ | ୮୩୧ | ୫୬୬ | ୩୦୬୦ |
| ୪ | ବାମରା ବନ୍ୟପ୍ରାଣୀ | ୨୫୯ | ୪୩୪ | ୫୯୦ | ୩୨୨ | ୧୬୦୫ |
| ୫ | ବରଗଡ | ୬୮୪ | ୭୮୨ | ୧୧୧୯ | ୧୧୫୩ | ୩୭୩୮ |
| ୬ | ବଲାଙ୍ଗୀର | ୧୦୯୮ | ୧୧୬୨ | ୧୬୪୦ | ୧୨୪୯ | ୫୧୪୯ |
| ୭ | ବଣାଇ | ୫୫୮ | ୭୩୩ | ୧୧୮୨ | ୧୦୪୨ | ୩୫୧୫ |
| ୮ | ଦେଓଗଡ଼ | ୬୩୩ | ୧୦୩୯ | ୯୮୨ | ୫୦୬ | ୩୧୬୦ |
| ୯ | ଜୟପୁର | ୯୧୯ | ୧୧୨୪ | ୧୪୮୬ | ୧୩୧୨ | ୪୮୪୧ |
| ୧୦ | କଳାହାଣ୍ଡି (ଉତ୍ତର) | ୧୨୧୧ | ୧୭୫୩ | ୨୦୪୩ | ୧୬୩୧ | ୬୬୩୮ |
| ୧୧ | କଳାହାଣ୍ଡି (ଦକ୍ଷିଣ) | ୧୦୨୨ | ୧୬୩୪ | ୨୪୨୫ | ୨୦୩୬ | ୭୧୧୭ |
| ୧୨ | କେଉଁଝର | ୨୩୧ | ୩୬୦ | ୩୬୦ | ୩୬୦ | ୧୩୧୧ |
| ୧୩ | କେଉଁଝର ବନ୍ୟପ୍ରାଣୀ | ୭୩୯ | ୯୭୫ | ୧୨୩୮ | ୫୬୫ | ୩୫୧୭ |
| ୧୪ | ଖରିଆର | ୬୨୯ | ୧୦୭୧ | ୧୧୬୦ | ୧୦୫୨ | ୩୯୧୨ |
| ୧୫ | କୋରାପୁଟ | ୯୯୮ | ୧୫୪୬ | ୧୭୦୧ | ୧୬୭୪ | ୫୯୧୯ |
| ୧୬ | ମାଲକାନଗିରି | ୭୦୫ | ୯୨୩ | ୧୧୫୦ | ୮୭୩ | ୩୬୫୧ |
| ୧୭ | ନବରଙ୍ଗପୁର | ୫୮୫ | ୭୦୫ | ୧୧୫୩ | ୯୦୦ | ୩୩୪୩ |
| ୧୮ | ପାରଳାଖେମୁଣ୍ଡି | ୧୩୦୯ | ୧୭୦୯ | ୧୭୦୪ | ୧୪୬୪ | ୬୧୮୬ |
| ୧୯ | ଫୁଲବାଣୀ | ୫୦୪ | ୭୬୯ | ୭୬୧ | ୪୮୦ | ୨୫୧୪ |
| ୨୦ | ରେଢ଼ାଖୋଲ | ୭୭୫ | ୧୧୪୨ | ୧୫୮୭ | ୨୦୦୦ | ୫୫୦୪ |
| ୨୧ | ରାୟଗଡା | ୬୬୨ | ୯୫୬ | ୯୬୭ | ୪୨୫ | ୩୦୧୦ |
| ୨୨ | ରାଉରକେଲା | ୧୬୮୭ | ୨୧୨୩ | ୨୧୧୮ | ୨୧୧୮ | ୮୦୪୬ |
| | **ମୋଟ** | **୧୬୭୯୩** | **୨୨୮୪୨** | **୨୭୧୬୮** | **୨୨୫୮୮** | **୮୯୩୯୦** |

# ଫଟୋଚିତ୍ର



ଗମ୍ଭାରଡ଼ିହି ବନ ସୁରକ୍ଷା ସମିତି (ରେଢାଖୋଲ ବନଖଣ୍ଡ)ରେ ସାଧାରଣ ପରିଷଦ ବୈଠକ



ଗୋଏଲ ଝୁମ୍ପା ବନ ସୁରକ୍ଷା ସମିତି (ବାମରା ବନ୍ୟପ୍ରାଣୀ ବନଖଣ୍ଡ)ରେ କାର୍ଯ୍ୟନିର୍ବାହୀ କମିଟି ସଭା



ଚାଟଗୁଡା ବନ ସୁରକ୍ଷା ସମିତି ( ନବରଙ୍ଗପୁର ବନଖଣ୍ଡ) ରେ କାର୍ଯ୍ୟନିର୍ବାହୀ କମିଟି ସଭା



ପଲସାପଡା ବନ ସୁରକ୍ଷା ସମିତି (କଳାହାଣ୍ଡି ଦକ୍ଷିଣ ବନଖଣ୍ଡ) ରେ କାର୍ଯ୍ୟନିର୍ବାହୀ କମିଟି ସଭା



ବଡବାହାଲ ବନ ସୁରକ୍ଷା ସମିତି (ବାମରା ବନ୍ୟପ୍ରାଣୀ ବନଖଣ୍ଡ)ରେ ସାଧାରଣ ପରିଷଦ ବୈଠକ



ତମନଗୁଡା ବନ ସୁରକ୍ଷା ସମିତି (ବାମରା ବନ୍ୟପ୍ରାଣୀ ବନଖଣ୍ଡ)ରେ ସାଧାରଣ ପରିଷଦ ବୈଠକ




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ କେନ୍ଦୁଝର ବନାଞ୍ଚଳ କାର୍ଯ୍ୟାଳୟରେ ବନାଞ୍ଚଳ ସ୍ତରୀୟ ମିଳିତ ବନ ସୁରକ୍ଷା ସମିତି ସଭା




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ କରଲାପଶି ବନାଞ୍ଚଳ ସ୍ତରୀୟ ବନ ସୁରକ୍ଷା ସମିତି ସଭା



ସୁଆକାଟି ବନ ସୁରକ୍ଷା ସମିତି (କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ) ରେ ଜୀବିକା ଯୋଜନା ପ୍ରସ୍ତୁତି




ହରିହରପୁର ବନ ସୁରକ୍ଷା ସମିତି (ରାଉରକେଲା ବନଖଣ୍ଡ)ରେ ସାଧାରଣ ପରିଷଦ

# ଅଧ୍ୟାୟ ୩

## ବନ ସୁରକ୍ଷା ସମିତିକୁ ହସ୍ତାନ୍ତରିତ ଉପଚାର କ୍ଷେତ୍ରର ସର୍ବେକ୍ଷଣ ଏବଂ ସୀମା ନିର୍ଦ୍ଧାରଣ

ଜଙ୍ଗଲ ଏହାର ଆଖପାଖ ଅଞ୍ଚଳର ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଲାଭ ପ୍ରଦାନ କରି ଥାଏ ଏବଂ ସେମାନଙ୍କ ଜୀବନଧାରଣର ମୁଖ୍ୟ ଉତ୍ସ ଭାବେ ବିବେଚନା କରାଯାଏ। ଅପରପକ୍ଷରେ ଏହି ମୂଲ୍ୟବାନ ସମ୍ପଦର ଗୁଣବତ୍ତା ଓ ବ୍ୟାପକତା ବିଭିନ୍ନ କାରଣରୁ ହ୍ରାସ ପାଇବାରେ ଲାଗିଛି। ତେଣୁ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଏବଂ ପୁନର୍ଜନନ ସମସ୍ତ ରାଜ୍ୟରେ ଏକ ପ୍ରାଥମିକତା କ୍ଷେତ୍ରରେ ପରିଣତ ହୋଇଛି। ତେଣୁ ଆମ ଜଙ୍ଗଲ ଯୋଜନାରେ ଜଙ୍ଗଲ ସୁରକ୍ଷା ଓ ନିରନ୍ତର ପ୍ରାକୃତିକ ସମ୍ପଦ ପରିଚାଳନା ପାଇଁ ଗୋଷ୍ଠୀ ସଦସ୍ୟ ମାନଙ୍କର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ବନ ସୁରକ୍ଷା ସମିତିକୁ ସୁରକ୍ଷା ଏବଂ ପୁନର୍ଜନନ ପାଇଁ ଏକ ନିର୍ଦ୍ଦିଷ୍ଟ ଜଙ୍ଗଲ ଅଞ୍ଚଳ ପ୍ରଦାନ କରାଯାଇଛି, ଯେଉଁଠାରେ ବନ ସୁରକ୍ଷା ସମିତି ଚୟନ ପରେ ପ୍ରାରମ୍ଭିକ କାର୍ଯ୍ୟ ଭାବରେ ସର୍ବେକ୍ଷଣ, ସୀମାନିର୍ଦ୍ଧାରଣ ଏବଂ ସୀମା ଖୁଣ୍ଟି ସ୍ଥାପନ କାର୍ଯ୍ୟ ସମ୍ପାଦନ କରାଯାଏ। ବିଭିନ୍ନ ଜଙ୍ଗଲଭିତ୍ତିକ ଏବଂ ମୃତ୍ତିକା ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସହଜ କରିବା ପାଇଁ ପ୍ରତ୍ୟେକ ବନ ସୁରକ୍ଷା ସମିତିକୁ ଦିଆଯାଇଥିବା ଅଞ୍ଚଳରେ ଏହି କାର୍ଯ୍ୟ ଗୁଡିକ କରାଯାଇଥାଏ। ପ୍ରତ୍ୟେକ ବନ ସୁରକ୍ଷା ସମିତିକୁ ପାଖାପାଖି ୫୦ ହେକ୍ଟରର ଉପଚାର କ୍ଷେତ୍ର ପ୍ରଦାନ କରାଯାଏ, ଯେଉଁଠାରେ ସହାୟକ ପ୍ରାକୃତିକ ପୁନର୍ଜନନ (ANR), ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପଦକ୍ଷେପ ଏବଂ ଅନ୍ୟାନ୍ୟ ଜଙ୍ଗଲଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ। ପ୍ରକଳ୍ପ ପରିଚାଳନା ଏକକ ସ୍ତରରେ ନିର୍ଦ୍ଧାରିତ ଅଞ୍ଚଳ ଏବଂ ଉପଚାର କ୍ଷେତ୍ରର ସର୍ବେକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ପାଇଁ ଏକ ବିସ୍ତୃତ ମାର୍ଗଦର୍ଶିକା ବିକଶିତ କରାଯାଇଛି ଏବଂ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବନ ସୁରକ୍ଷା ସମିତିର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଙ୍କ ସହାୟତାରେ କାର୍ଯ୍ୟ ସଂପାଦନ କରିବା ପାଇଁ ବନଖଣ୍ଡ ଗୁଡିକୁ ପ୍ରଦାନ କରାଯାଇଛି। ଏହି ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ ସର୍ବେକ୍ଷଣ, ସୀମା ନିର୍ଦ୍ଧାରଣ ଏବଂ ସୀମା ଖୁଣ୍ଟି ସ୍ଥାପନ ସମୟରେ ସମ୍ପୃକ୍ତ ବନ ସୁରକ୍ଷା ସମିତିର ସଦସ୍ୟ ସଚିବଙ୍କ ଉପସ୍ଥିତି ବାଧ୍ୟତାମୂଳକ କରାଯାଇଛି। ସର୍ବେକ୍ଷଣ ଏବଂ ସୀମା ନିର୍ଦ୍ଧାରଣ କାର୍ଯ୍ୟ କରିବାରେ ଏକ ଶୃଙ୍ଖଳିତ ପଦ୍ଧତି ଅନୁସରଣ କରାଯାଇଛି ଯେଉଁଥିରେ ପ୍ରତ୍ୟେକ ଚିହ୍ନଟ ବନ ସୁରକ୍ଷା ସମିତିରେ ଗୋଟିଏ ସ୍ଥାୟୀ ନିର୍ମାଣ/ ସ୍ଥାନର ଭୂ-ସଙ୍ଯୋଜୀ ସୂଚନା (ଜିପିଏସ୍ କୋ-ଅର୍ଡିନେଟ୍ସ) ଜିଆଇଏସ୍ ମାନଚିତ୍ରରେ ନିର୍ଦ୍ଧାରିତ କରାଯାଇଛି ଏବଂ ଚିହ୍ନଟ କରାଯାଇଛି। ଏହାବ୍ୟତୀତ, ଜିଆଇଏସ୍ ଡୋମେନ୍‌ରେ ଉପଚାର କ୍ଷେତ୍ରର ଜିପିଏସ୍ କୋ-ଅର୍ଡିନେଟ୍ ଅପଲୋଡ୍ କରାଯାଇଛି ଏବଂ ଏପରି ଭାବରେ ପ୍ରସ୍ତୁତ ପଲିଗନ୍‌କୁ ଯାଞ୍ଚ କରାଯାଇଛି। ଏହା ହସ୍ତାନ୍ତରିତ କ୍ଷେତ୍ରର ଅତିବ୍ୟାପୀକରଣ କିମ୍ବା ନକଲିକରଣର ସମ୍ଭାବନାକୁ ଦୂର କରି ଅଞ୍ଚଳର ସଠିକ ଏବଂ ପ୍ରାମାଣିକ ମ୍ୟାପିଂରେ ସାହାଯ୍ୟ କରେ। ଉପଚାର କ୍ଷେତ୍ରଗୁଡିକର ଡିଜିଟାଲ ସର୍ଭେ କରାଯାଇଛି ଏବଂ ପ୍ରତ୍ୟେକ ବନ ସୁରକ୍ଷା ସମିତି ପାଇଁ ମାନଚିତ୍ର ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ବନଖଣ୍ଡକୁ ପ୍ରଦାନ କରାଯାଇଛି।

ସମ୍ପୃକ୍ତ ବନ ସୁରକ୍ଷା ସମିତିରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେବାର ପ୍ରାରମ୍ଭିକ ବର୍ଷମାନଙ୍କରେ ସମସ୍ତ ୪୬୦୧ ବନ ସୁରକ୍ଷା ସମିତି ପାଇଁ ଉପଚାର କ୍ଷେତ୍ରର ସର୍ବେକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ସମ୍ପୂର୍ଣ୍ଣ ହୋଇଛି। ଯେହେତୁ ଏହି ପ୍ରକଳ୍ପ ଏବେ ଅବଧିର ଅନ୍ତିମ ପର୍ଯ୍ୟାୟରେ ଥିବାରୁ ସଂପ୍ରସାରଣ ଅବଧି ମଧ୍ୟରେ, ତଥା ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ରେ ସେଭଳି କୌଣସି ପ୍ରସ୍ତୁତି କାର୍ଯ୍ୟ ହାତକୁ ନିଆଯାଇନାହିଁ। ରକ୍ଷଣାବେକ୍ଷଣ ପର୍ଯ୍ୟାୟର ବନଖଣ୍ଡ ଦ୍ୱାରା ହସ୍ତାନ୍ତରିତ କ୍ଷେତ୍ରର କାର୍ଯ୍ୟ ବିବରଣୀ ସାରଣୀ ନଂ-୩.୧ରେ ଦିଆଯାଇଛି।

**ସାରଣୀ ନଂ-୩.୧: ରକ୍ଷଣାବେକ୍ଷଣ ପର୍ଯ୍ୟାୟର ବନଖଣ୍ଡୱାରୀ ରକ୍ଷଣାବେକ୍ଷଣ କରାଯାଉଥିବା ହସ୍ତାନ୍ତରିତ କ୍ଷେତ୍ର (୨୦୨୨-୨୩ ରୁ ୨୦୨୪-୨୫)**

| ରକ୍ଷଣାବେକ୍ଷଣ ପର୍ଯ୍ୟାୟର ବନଖଣ୍ଡୱାରୀ ହସ୍ତାନ୍ତରିତ କ୍ଷେତ୍ର | | |
|---|---|---|
| **କ୍ର.ସଂଖ୍ୟା** | **ବନଖଣ୍ଡ** | **ହସ୍ତାନ୍ତରିତ କ୍ଷେତ୍ର (ହେକ୍ଟରରେ)** |
| ୧ | ଅନୁଗୁଳ | ୫୮୩୪.୯୦ |
| ୨ | ବାଲେଶ୍ୱର ବନ୍ୟପ୍ରାଣୀ | ୧୦୨୪.୦୦ |
| ୩ | ବାଲିଗୁଡା | ୪୦୦୦.୦୦ |
| ୪ | ବାମରା ବନ୍ୟପ୍ରାଣୀ | ୪୩୧୬.୧୪ |
| ୫ | ବରଗଡ | ୪୯୫୮.୦୦ |
| ୬ | ବଲାଙ୍ଗୀର | ୯୬୮୪.୫୦ |
| ୭ | ବଣାଇ | ୧୦୩୬.୦୦ |
| ୮ | ଦେଓଗଡ଼ | ୩୧୯୫.୦୦ |
| ୯ | ଜୟପୁର | ୧୦୨୮୭.୦୦ |
| ୧୦ | କଳାହାଣ୍ଡି (ଉତ୍ତର) | ୯୫୪୯.୮୦ |
| ୧୧ | କଳାହାଣ୍ଡି (ଦକ୍ଷିଣ) | ୧୦୪୫୦.୦୦ |
| ୧୨ | କେଉଁଝର | ୩୩୩୬.୦୩ |
| ୧୩ | କେଉଁଝର ବନ୍ୟପ୍ରାଣୀ | ୧୫୦୦.୦୦ |
| ୧୪ | ଖରିଆର | ୫୯୭୯.୦୦ |
| ୧୫ | କୋରାପୁଟ | ୬୬୪୦.୦୦ |
| ୧୬ | ମାଲକାନଗିରି | ୬୧୦୬.୦୦ |
| ୧୭ | ନବରଙ୍ଗପୁର | ୯୪୩୩.୦୦ |
| ୧୮ | ପାରଳାଖେମୁଣ୍ଡି | ୩୧୩୪.୩୩ |
| ୧୯ | ଫୁଲବାଣୀ | ୯୪୫୨.୦୦ |
| ୨୦ | ରେଢାଖୋଲ | ୬୧୦୬.୨୦ |
| ୨୧ | ରାୟଗଡା | ୭୧୨୭.୦୦ |
| ୨୨ | ରାଉରକେଲା | ୩୬୬୭.୯୮ |
| | **ମୋଟ** | **୧,୨୬,୯୧୬.୮୮** |

# ଅଧ୍ୟାୟ ୪

## ସହଯୋଗ ମୂଳକ ଗ୍ରାମୀଣ ଅବଧାରଣା (PRA) ଏବଂ ଅଣୁ ଯୋଜନା (Micro-plan) ପ୍ରସ୍ତୁତି

ସହଯୋଗ ମୂଳକ ଗ୍ରାମୀଣ ଅବଧାରଣା (PRA) ହେଉଛି ଏକ ପ୍ରକ୍ରିୟା ଯେଉଁଠାରେ ଏକ ଗ୍ରାମର ଲୋକମାନେ ଭାଗିଦାରୀ ଯୋଜନା ଏବଂ ସମ୍ପୃକ୍ତି ମାଧ୍ୟମରେ ନିଜ ଗ୍ରାମ ପାଇଁ ଏକ ସୂଚନା ଆଧାର ସୃଷ୍ଟି କରନ୍ତି । ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ବନ ସୁରକ୍ଷା ସମିତିରେ ସହଯୋଗ ମୂଳକ ଗ୍ରାମୀଣ ଅବଧାରଣା ମାଧ୍ୟମରେ ଏକ ସାମଗ୍ରିକ ଗୋଷ୍ଠୀ ବିକାଶ ନକ୍ସା/ଯୋଜନା ପ୍ରସ୍ତୁତ କରିବା ବାଧ୍ୟତାମୂଳକ କରାଯାଇଛି । ସହଭାଗୀ ଗ୍ରାମୀଣ ଅବଧାରଣା ପରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଗ୍ରାମଗୁଡିକରେ ଅଣୁ ଯୋଜନା ପ୍ରସ୍ତୁତ କରାଯାଇଛି । ଅଣୁ ଯୋଜନା ହେଉଛି ଏକ ଗୋଷ୍ଠୀ ସଶକ୍ତିକରଣ ପ୍ରକ୍ରିୟା ଯେଉଁଥିରେ ସମ୍ପ୍ରଦାୟର ସଦସ୍ୟମାନେ ନିଜ ଗ୍ରାମ ପାଇଁ ଗ୍ରାମସ୍ତରୀୟ, ଆବଶ୍ୟକତା ଭିତ୍ତିକ ଏବଂ ବାସ୍ତବ ବିକାଶ ଯୋଜନା ପ୍ରସ୍ତୁତ କରନ୍ତି । ଗ୍ରାମସ୍ତରୀୟ ଅଣୁ ଯୋଜନା (ମାଇକ୍ରୋ-ପ୍ଲାନ୍) ପ୍ରସ୍ତୁତ କରିବା ସମୟରେ କାର୍ଯ୍ୟକ୍ରମ ଗୁଡ଼ିକର ସାମାଜିକ, ପାରିବେଶିକ, ଅର୍ଥନୈତିକ ଏବଂ ବୈଷୟିକ ସମ୍ଭାବ୍ୟତାକୁ ବିଚାରକୁ ନିଆଯାଏ । ଅଣୁ ଯୋଜନା ଦସ୍ତାବିଜଗୁଡିକ ଗୋଷ୍ଠୀ ସମୁଦାୟ ପାଇଁ ଏକ ମାର୍ଗଦର୍ଶିକା ଭାବରେ ବିବେଚନା କରାଯାଏ ଏବଂ ଦଶ ବର୍ଷ ପାଇଁ ଜଙ୍ଗଲ ପରିଚାଳନା ଏବଂ ଜୀବିକା ଉନ୍ନୟନ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଗୁଡିକୁ କାର୍ଯ୍ୟକାରୀ କରିବାରେ ସହାୟକ ହୁଏ । ଉଭୟ ସହଯୋଗ ମୂଳକ ଗ୍ରାମୀଣ ଅବଧାରଣା ଏବଂ ଅଣୁ ଯୋଜନା ହେଉଛି ଆମ ଜଙ୍ଗଲ ଯୋଜନାର ପ୍ରାରମ୍ଭିକ କାର୍ଯ୍ୟକ୍ରମ ଏବଂ ଆମ ଜଙ୍ଗଲ ଯୋଜନା ଅଧୀନରେ ନିୟୋଜିତ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ ସହାୟତାରେ ଏହି କାର୍ଯ୍ୟ ସମ୍ପାଦନ କରାଯାଇଥାଏ ।

**ଚିତ୍ର-୯.୧: ୨୦୨୩-୨୪ ଆର୍ଥିକ ବର୍ଷରେ ଆନ୍ତଃ – ବିଭାଗୀୟ ସମନ୍ୱୟ ମାଧ୍ୟମରେ ଜୀବିକା ବିକାଶ ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ବିଭାଗଭିତ୍ତିକ ହିତାଧିକାରୀ**



ଚିତ୍ର-୯.୨: ୨୦୨୩-୨୪ ଆର୍ଥିକ ବର୍ଷରେ ଆନ୍ତଃ – ବିଭାଗୀୟ ସମନ୍ୱୟ ମାଧ୍ୟମରେ ଜୀବିକା ବିକାଶ ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ବନଖଣ୍ଡଭିତ୍ତିକ ପାଣ୍ଠି ସଂଗ୍ରହ




ଚିତ୍ର-୯.୩: ୨୦୨୩-୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବନଖଣ୍ଡଭିତ୍ତିକ ଆନ୍ତଃ – ବିଭାଗୀୟ ସମନ୍ୱୟ ମାଧ୍ୟମରେ ଜୀବିକା ବିକାଶ ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ସଂଗୃହିତ ପାଣ୍ଠି (ଲକ୍ଷ ଟଙ୍କାରେ)



## ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ଜୀବିକା ପ୍ରୋତ୍ସାହନ ଏବଂ ସମନ୍ୱୟ କାର୍ଯ୍ୟକଳାପର ଫଟୋ





ନବରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ରତନଗୁଡା ବନ ସୁରକ୍ଷା ସମିତିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମିଳିତ ମତ୍ସ୍ୟ ଚାଷ



କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ହାଏରପୁର ବନ ସୁରକ୍ଷା ସମିତିରେ ବାଇଗଣ ଚାଷ



ବଲାଙ୍ଗିର ବନଖଣ୍ଡ ଅନ୍ତର୍ଗତ କମେଇ ମୁଣ୍ଡା ବନ ସୁରକ୍ଷା ସମିତିରେ ଉଦ୍ୟାନ ବିଭାଗ ସହାୟତାରେ ବିଷ୍ଣ ଭୋଇଙ୍କ ଦ୍ୱାରା ପିଆଜ ଚାଷ



ବଲାଙ୍ଗିର ବନଖଣ୍ଡ ଅନ୍ତର୍ଗତ ନେଗିପଲ୍ଲୀ ଓକେସେଇପଲ୍ଲୀ ବନ ସୁରକ୍ଷା ସମିତିରେ ପ୍ରାଣୀ ବିଭାଗ ସହାୟତାରେ କୁକୁଡା ଚାଷ



ନବରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ଡ଼ଙ୍ଗରିପଡା ବନ ସୁରକ୍ଷା ସମିତିରେ କୁକୁଡା ଚାଷ



ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଖଳାଶୁଣି ବନାଞ୍ଚଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମିଳିତ ଆଳୁ ଚାଷ



ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଲଇଡାଗୁଣା ବନ ସୁରକ୍ଷା ସମିତିରେ ମତ୍ସ୍ୟ ଚାଷ



କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଟଭାକୁଦ ବନ ସୁରକ୍ଷା ସମିତିରେ ଛେଳି ପାଳନ ସହାୟତା



କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଟିକିରା ବନ ସୁରକ୍ଷା ସମିତିରେ ଗୋ ଟୀକାକରଣ



ଆଇଟିଡ଼ିଏ ସହାୟତାରେ ବଣାଇ ବନଖଣ୍ଡ ଅନ୍ତର୍ଗତ ତାମରା ବନାଞ୍ଚଳର ଭୁଲିକୁଚା ବନ ସୁରକ୍ଷା ସମିତିରେ ଧାନ କୁଟା କଳ ପ୍ରତିଷ୍ଠା



ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଲଇଡାଗୁଣା ବନ ସୁରକ୍ଷା ସମିତିରେ ଛତୁ ଉତ୍ପାଦନ



ଖରିଆର ବନଖଣ୍ଡ ଅନ୍ତର୍ଗତ ଭାରୁଆ ମୁଣ୍ଡା ବନ ସୁରକ୍ଷା ସମିତିରେ ଛତୁ ଉତ୍ପାଦନ



ଖରିଆର ବନଖଣ୍ଡକୁ ଖରିଫ ପିଆଜ ଚାଷ ପ୍ରଦର୍ଶନ ପାଇଁ ବନ ସୁରକ୍ଷା ସମିତି ସଭ୍ୟ ମାନଙ୍କ ଗସ୍ତ



ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ପୁଡିଆଖମଣ ବନ ସୁରକ୍ଷା ସମିତିରେ ଲଙ୍କା ମରୀଚ ଚାଷ



ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ କରଲାଖମଣ ବନ ସୁରକ୍ଷା ସମିତିରେ ହରଡ ଚାଷ




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଗୋଧିହୁଡି ବନ ସୁରକ୍ଷା ସମିତିରେ ବାଇଗଣ ଚାଷ




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଆହାରପଶି ବନ ସୁରକ୍ଷା ସମିତିରେ ଜିଆଖତ ବିକ୍ରୟ



କୋରାପୁଟ ବନଖଣ୍ଡ ଅନ୍ତର୍ଗତ ଜାମୁଗୁଡା ବନ ସୁରକ୍ଷା ସମିତି ସଭ୍ୟ ମାନଙ୍କୁ ଛେଳି ପାଳନ ସହାୟତା




ବଣାଇ ବନଖଣ୍ଡ ଅନ୍ତର୍ଗତ ସଞ୍ଜଳ ବନ ସୁରକ୍ଷା ସମିତିରେ ଛେଳି ପାଳନ ସହାୟତା



ବଲାଙ୍ଗିର ବନଖଣ୍ଡ ବନ ସୁରକ୍ଷା ସମିତି ସଦସ୍ୟ ମାନଙ୍କ ହରିଶଙ୍କର ପରିବେଶ ପର୍ଯ୍ୟଟନ ସ୍ଥଳକୁ ପ୍ଲାଷ୍ଟିକ ବର୍ଜନ ପାଇଁ ପତ୍ର ଖଲି ଯୋଗାଣ




ବଲାଙ୍ଗିର ବନଖଣ୍ଡ ଅନ୍ତର୍ଗତ ଟିଟିଲାଗଡ ବନାଞ୍ଚଳର ସିନାପଲା ବନ ସୁରକ୍ଷା ସମିତିରେ ଜିଆଖତ ବିକ୍ରୟ




ବଲାଙ୍ଗିର ବନଖଣ୍ଡ ଅନ୍ତର୍ଗତ ଟିଟିଲାଗଡ ବନାଞ୍ଚଳର ସିନାପଲା ବନ ସୁରକ୍ଷା ସମିତିରେ ପତ୍ର ଖଲି ବିକ୍ରୟ




ବଣାଇ ବନଖଣ୍ଡ ଅନ୍ତର୍ଗତ କୁଳିପୋଷ ବନାଞ୍ଚଳର ସଞ୍ଜଳ ବନ ସୁରକ୍ଷା ସମିତି ସଭ୍ୟ ମାନଙ୍କୁ ହସ୍ତକଳା ପାଇଁ ଅନ୍ୟ ବିଭାଗ ପାଣ୍ଠି ସମନ୍ୱୟରେ ସହାୟତା

# ଅଧ୍ୟାୟ ୧୦

## ଆମ ଜଙ୍ଗଲ ଯୋଜନା ଅଧିନସ୍ଥ କାର୍ଯ୍ୟକ୍ରମର ତଦାରଖ

ଆମ ଜଙ୍ଗଲ ଯୋଜନାରେ ଉଭୟ ପାରମ୍ପରିକ ଏବଂ ପ୍ରଯୁକ୍ତି ଭିତ୍ତିକ ତଦାରଖ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭୌଗୋଳିକ ସୂଚନା ପ୍ରଣାଳୀ (GIS) ଏବଂ ସୂଚନା ପ୍ରଣାଳୀ ପରିଚାଳନା (MIS) ପଦ୍ଧତି ବ୍ୟବହାର କରି, କ୍ଷେତ୍ର ପରିଦର୍ଶନ ମାଧ୍ୟମରେ କାର୍ଯ୍ୟ ଅଗ୍ରଗତିର ଭୌତିକ ସ୍ଥିତି ଉପରେ ନଜର ରଖାଯାଏ। ଏକ କେନ୍ଦ୍ରୀୟ ତଦାରଖ ପ୍ରଣାଳୀ ମାଧ୍ୟମରେ ଆର୍ଥିକ ଅଗ୍ରଗତି ଉପରେ ନଜର ରଖାଯାଇଥାଏ। ପ୍ରଗତି ନିରୀକ୍ଷଣ ଆମ ଜଙ୍ଗଲ ଯୋଜନା ଅଧୀନରେ ଏକ ନିୟମିତ ପ୍ରକ୍ରିୟା ଏବଂ ଫଳାଫଳ ଓ ପ୍ରଭାବ ସ୍ତରରେ ପ୍ରକଳ୍ପର ମୂଲ୍ୟାୟନ ବାଧ୍ୟତାମୂଳକ। ବିଭିନ୍ନ ସ୍ତରରେ କ୍ଷେତ୍ର ପରିଦର୍ଶନ ଏବଂ ସମୀକ୍ଷା ବୈଠକ ମାଧ୍ୟମରେ ଭୌତିକ ତଦାରଖ କରାଯାଇଥାଏ। ବନ ସୁରକ୍ଷା ସମିତି ସ୍ତରରେ ନିୟମିତ ଭାବେ ମାସିକ ବୈଠକ ଆୟୋଜନ କରାଯାଇ ଥାଏ। ଅଗ୍ରଗତିର ତଦାରଖ ଓ ଆକଳନ ଏବଂ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିୟମିତ ସମୟରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥାଏ।

### ୧୦.୧ ତଦାରଖ ଏବଂ ମୂଲ୍ୟାୟନ (M&E)

ରାଜ୍ୟ ସ୍ତରୀୟ ଆମ ଜଙ୍ଗଲ ଯୋଜନା କକ୍ଷରେ ଦକ୍ଷ ମାନବ ସମ୍ବଳ ଏବଂ ଜ୍ଞାନକୌଶଳରେ ସଜ୍ଜିତ ଏକ ସୁପରିଚାଳିତ ତଦାରଖ ଏବଂ ମୂଲ୍ୟାୟନ ବ୍ୟବସ୍ଥା ରହିଅଛି। ମାସିକ, ତ୍ରୈମାସିକ ଏବଂ ବାର୍ଷିକ ଭିତ୍ତିରେ ବନାଞ୍ଚଳ (FMU), ବନଖଣ୍ଡ (DMU) ଏବଂ ପ୍ରକଳ୍ପ ପରିଚାଳନା ଏକକ (PMU) ସ୍ତରରେ ଏହି ଯୋଜନା ଅନ୍ତର୍ଗତ କାର୍ଯ୍ୟକଳାପଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତିର ଭୌତିକ ଏବଂ ଆର୍ଥିକ ତଦାରଖ କରାଯାଏ। ପ୍ରକଳ୍ପ ପରିଚାଳନା ଏକକ (PMU) ସ୍ତରରେ କାର୍ଯ୍ୟକଳାପଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତିର ଭୌତିକ ଏବଂ ଆର୍ଥିକ ତଦାରଖ ମାସିକ ଭିତ୍ତିରେ ଆମ ଜଙ୍ଗଲ ଯୋଜନା କକ୍ଷ ଦ୍ୱାରା ମାସିକ ପ୍ରଗତି ବିବରଣୀ ଏବଂ ଆନ୍ତଃ- ବିଭାଗୀୟ ସମନ୍ୱୟ ବିବରଣୀ ସଂଗ୍ରହ ଏବଂ ସଙ୍କଳିତ କରାଯାଏ। ନିର୍ଦ୍ଧାରିତ ଫର୍ମାଟ ଆଧାରରେ ସମ୍ପୃକ୍ତ ବନାଞ୍ଚଳ (FMU) ମୁଖ୍ୟଙ୍କ ପରାମର୍ଶକ୍ରମେ ମାସିକ ଭିତ୍ତିରେ ବନାଞ୍ଚଳ (FMU)ର ଭୌତିକ ଓ ଆର୍ଥିକ ପ୍ରଗତିକୁ ଏକୀକୃତ କରାଯାଏ।

ସମ୍ପୃକ୍ତ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ମାସିକ ଭିତ୍ତିରେ ଅନୁଷ୍ଠାନ କାର୍ଯ୍ୟକଳାପର ଏକ ସଂକ୍ଷିପ୍ତ ରିପୋର୍ଟ ପ୍ରସ୍ତୁତ କରି ସମୀକ୍ଷା ଏବଂ ମନ୍ତବ୍ୟ ଦେବା ସହିତ ବନଖଣ୍ଡୀୟ ମୁଖ୍ୟଙ୍କ ନିକଟରେ ଏହାର ପରବର୍ତ୍ତୀ ପ୍ରସାରଣ ପାଇଁ ବନାଞ୍ଚଳ ମୁଖ୍ୟଙ୍କୁ ପ୍ରଦାନ କରନ୍ତି। ବନଖଣ୍ଡୀୟ ମୁଖ୍ୟ ବନାଞ୍ଚଳରୁ ପ୍ରାପ୍ତ ମାସିକ ରିପୋର୍ଟକୁ ଏକତ୍ରିତ କରି ନିର୍ଦ୍ଧାରିତ ଫର୍ମାଟରେ ବନଖଣ୍ଡ ସ୍ତରୀୟ ମାସିକ ଅଗ୍ରଗତି ରିପୋର୍ଟରେ ଉଭୟ ଭୌତିକ ଏବଂ ଆର୍ଥିକ ସଫଳତାକୁ ଦର୍ଶାଇ ସଂପୃକ୍ତ ଆରସିସିଏଫ ଏବଂ ପିସିସିଏଫ (ପ୍ରକଳ୍ପ) ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଓଡିଶା ବନାଞ୍ଚଳ ଉନ୍ନୟନ ସମିତିଙ୍କୁ ପ୍ରଦାନ କରନ୍ତି। ଓଏଫଏସଡିଏସ ପ୍ରକଳ୍ପ ପରିଚାଳନା ଏକକ ର ଆମ ଜଙ୍ଗଲ ଯୋଜନା କକ୍ଷ ବନଖଣ୍ଡ ମାନଙ୍କଠାରୁ ପ୍ରାପ୍ତ ରିପୋର୍ଟର ମାସିକ ସମ୍ମିଳିତ ଅଗ୍ରଗତି ରିପୋର୍ଟ ପ୍ରସ୍ତୁତ କରି ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଓଡ଼ିଶା ର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟଙ୍କୁ ପ୍ରଦାନ କରିଥାନ୍ତି।

କ୍ଷେତ୍ର ନିରୀକ୍ଷଣ, ସମୟକାଳୀନ ସମୀକ୍ଷା ବୈଠକ ମାଧ୍ୟମରେ ସମ୍ପୃକ୍ତ ଆରସିସିଏଫ ଏବଂ ଓଏଫଏସଡିଏସର ପ୍ରକଳ୍ପ ପରିଚାଳନା ଏକକର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଭୌତିକ ଏବଂ ଆର୍ଥିକ ଅଗ୍ରଗତି ଉପରେ ନଜର ରଖାଯାଇଥାଏ ।

ରାଜ୍ୟସ୍ତରରେ ଗଭର୍ଣ୍ଣିଂ ବଡି (ଜିବି) ବାର୍ଷିକ କାର୍ଯ୍ୟ ଯୋଜନା (ଆପ୍ପନ ପ୍ଲାନ୍) ଏବଂ ବ୍ୟୟ ଅଟକଳ (ବଜେଟ୍), ପ୍ରକଳ୍ପ କାର୍ଯ୍ୟକଳାପର ସାମଗ୍ରିକ ତଦାରଖ ସମ୍ବନ୍ଧୀୟ ନୀତିଗତ ନିଷ୍ପତ୍ତି ନେଇଥାନ୍ତି। ରାଜ୍ୟସ୍ତରରେ ଓଏଫଏସଡିଏସର ଉଚ୍ଚ କ୍ଷମତା ସମ୍ପନ୍ନ କମିଟି (ଏଚପିସି) ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ୍ ଏବଂ ପ୍ରକଳ୍ପ କାର୍ଯ୍ୟକଳାପର ସାମଗ୍ରିକ ତଦାରଖ ସମ୍ବନ୍ଧୀୟ ପ୍ରମୁଖ ନୀତିଗତ ନିଷ୍ପତ୍ତି ନେଇଥାନ୍ତି।

ଏହି ଯୋଜନାର କାର୍ଯ୍ୟକାରିତାର ଆର୍ଥିକ ତଦାରଖ ରାଜ୍ୟ କାମ୍ପା ଏବଂ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ)ର କାର୍ଯ୍ୟକାରିତା ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଅନୁସରଣ କରେ, କାରଣ ପ୍ରକଳ୍ପର ମୁଖ୍ୟ ପାଣ୍ଠି ଏହି ଉତ୍ସରୁ ଆସିଥାଏ। ରାଜ୍ୟ କାମ୍ପା ଏବଂ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ଶୀର୍ଷକ ଅଧୀନରେ ପ୍ରାପ୍ତ ପାଣ୍ଠି ପରିଚାଳନା ପାଇଁ ବନାଞ୍ଚଳ ଏବଂ ବନଖଣ୍ଡ ସ୍ତରରେ ପୃଥକ ପୃଥକ ହିସାବ ରଖାଯାଇଥାଏ। ସେହି ଅନୁଯାୟୀ ଖର୍ଚ୍ଚ ସମ୍ପୃକ୍ତ ବଜେଟ୍ ଶୀର୍ଷକରେ ପ୍ରତିଫଳିତ ହୁଏ ।

ଓଏଫଏସଡିଏସର ପ୍ରକଳ୍ପ ପରିଚାଳନା ଏକକ (PMU) ଗଓଝ ଡୋମେନରେ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବନଖଣ୍ଡ ପାଇଁ ରିପୋର୍ଟିଂ ଫର୍ମାଟ ବିକଶିତ କରିଛି। ସଂଗୃହୀତ ତଥ୍ୟକୁ ମାସିକ ଭିତ୍ତିରେ ସଂଗ୍ରହ, ଯାଞ୍ଚ ଏବଂ ସୂଚନା ପରିଚାଳନା ପ୍ରଣାଳୀ (ଏମଆଇଏସ)ରେ ଅପଲୋଡ୍ କରାଯାଏ ଏବଂ ସେହି ଅନୁଯାୟୀ ଅଗ୍ରଗତି ଉପରେ ନଜର ରଖାଯାଏ।

## ୧୦.୧.୧ ୱେବ୍ ଆଧାରିତ ତଦାରଖ

ପାରମ୍ପରିକ ତଦାରଖ ପଦ୍ଧତି ବ୍ୟତୀତ ଆମ ଜଙ୍ଗଲ ଯୋଜନାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ୱେବ-ଆଧାରିତ ଜିଆଇଏସ ଏବଂ ଏମଆଇଏସ ସାମଗ୍ରିକ ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରଣାଳୀ ବ୍ୟାପକ ଭାବରେ ବ୍ୟବହୃତ ହୁଏ। ଓଏଫ୍ଏସ୍ଡିଏସ୍ ମୁଖ୍ୟାଳୟରେ ଉପଲବ୍ଧ ୱେବ୍ ଆଧାରିତ ଜିଆଇଏସ୍-ଏମ୍ଆଇଏସ୍ ତଦାରଖ ସିଷ୍ଟମ୍ ସର୍ଭର, ୱାର୍କ ଷ୍ଟେସନ୍, ହାଇସ୍ପିଡ୍ ନେଟୱାର୍କିଂ ସିଷ୍ଟମ୍, ଡାଟାବେସ୍ ଏବଂ ସଫ୍ଟୱେୟାର୍ ସିଷ୍ଟମ୍ ଭଳି ପର୍ଯ୍ୟାପ୍ତ ଅ ାଇଟି ଭିତ୍ତିଭୂମି ସହିତ ସମ୍ପୂର୍ଣ୍ଣ ଭାବେ ସଜ୍ଜିତ।

## ୧୦.୧.୨ ଭୌଗୋଳିକ ସୂଚନା ପ୍ରଣାଳୀ (GIS) ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟକ୍ରମ ଗୁଡିକର ତଦାରଖ

- ଓଏଫଏସଡିଏସ ଅଧୀନରେ ପ୍ରକଳ୍ପ ପରିଚାଳନା ଏକକରେ GIS ଏବଂ MIS କାର୍ଯ୍ୟ ପାଇଁ ଏକ ଜିଓମେଟିକ୍ ସେଣ୍ଟର କାର୍ଯ୍ୟକରୁଛି।
- ଉଭୟ GIS ଏବଂ MIS ଭିତ୍ତିକ ଆପ୍ଲିକେସନ୍ ଗୁଡ଼ିକର ଆଭ୍ୟନ୍ତରୀଣ ବିକାଶ, କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ପାଇଁ ବିଶେଷଜ୍ଞ ଏବଂ ଟେକ୍ନିସିଆନମାନଙ୍କର ଏକ ଗୋଷ୍ଠୀ ନିୟୋଜିତ ଅଛନ୍ତି।
- ୱେବ୍ ଭିତ୍ତିକ ପ୍ଲାଟଫର୍ମ ବିକାଶ ପାଇଁ ଓପନ୍ ସୋର୍ସ ସଫ୍ଟୱେୟାରର ବ୍ୟବହାର ସମସ୍ତଙ୍କ ପାଇଁ ଅବାଧ ପ୍ରବେଶ ଅନୁମତି ଏବଂ ଏହି ସୁବିଧାର ସମ୍ପ୍ରସାରଣରେ ସାହାଯ୍ୟ କରିଛି।
- ବିଶେଷଜ୍ଞଙ୍କ ସହାୟତାରେ ବନଖଣ୍ଡଗୁଡ଼ିକୁ ଜିଆଇଏସ ସୁବିଧା ସମ୍ପ୍ରସାରଣ କରାଯାଇଛି।
- MIS ଏବଂ GIS ପ୍ରଣାଳୀର ନିୟନ୍ତ୍ରଣ ମାଧ୍ୟମରେ ସମସ୍ତ କାର୍ଯ୍ୟକଳାପର ତଦାରଖ କରାଯାଉଛି।

## ୧୦.୧.୩ ପ୍ରକଳ୍ପ ପରିଚାଳନା ଏକକରେ ଜିଓମେଟିକ୍ ସେଣ୍ଟର

- ଏହି ପ୍ରକଳ୍ପ ଆବଶ୍ୟକତା ଅନୁଯାୟୀ ୱେବ ଆଧାରିତ ଜିଆଇଏସ ଏବଂ ଏମଆଇଏସ ଆପ୍ଲିକେସନ ଗୁଡିକୁ ସୁବିଧାଜନକ କରିଛି। ଉପଗ୍ରହ ଚିତ୍ର ବ୍ୟବହାର କରି ଜଙ୍ଗଲ ଆଚ୍ଛାଦନ ବର୍ଗୀକରଣ ଭଳି କାର୍ଯ୍ୟ କରାଯାଏ। ସେହିଭଳି ପରିବର୍ତ୍ତନ ଓ ପ୍ରଭାବର ତଦାରଖ ପାଇଁ କ୍ଷେତ୍ରସ୍ତରର ତଥ୍ୟକୁ ଏହା ଉପରେ ତୁଳନାତ୍ମକ ଭାବେ ଦର୍ଶାଇ ଦିଆଯାଇଥାଏ।
- ବନ ସୁରକ୍ଷା ସମିତି ଗୃହ ତଥା ରୋଜଗାର ସହାୟତା କେନ୍ଦ୍ର, ଜଳ ନିଷ୍କାସନ ପଥ ଉପଚାର, ବୃକ୍ଷରୋପଣ, ବନ ସୁରକ୍ଷା ସମିତି ଉପଚାରିତ କ୍ଷେତ୍ର ଅଞ୍ଚଳରେ ସୀମା ଖୁଣ୍ଟି ସ୍ଥାପନ ଭଳି କାର୍ଯ୍ୟ ଉପରେ ମଧ୍ୟ ଜିଆଇଏସ୍ ବ୍ୟବସ୍ଥା ମାଧ୍ୟମରେ ନଜର ରଖାଯାଇଛି।

## ୧୦.୧.୪ ୱେବ୍ ଆଧାରିତ ଜିଆଇଏସ୍

- ୱେବ୍ ଆଧାରିତ ଜିଆଇଏସ୍ ହେଉଛି ଏକ ୱେବ୍ ପୋର୍ଟାଲ୍ ଯାହା ଏକ ୱେବ୍ ବ୍ରାଉଜର ବ୍ୟବହାର କରି ସ୍ତରୀକୃତ ମାନଚିତ୍ର ଏବଂ ତଥ୍ୟ ଦର୍ଶନ ସୁବିଧା ପାଇଁ ବିକଶିତ ହୋଇଛି।
- ଏହି ପୋର୍ଟାଲରେ ଏକାଧିକ ମାନଚିତ୍ର ସ୍ତରକୁ ଆରୋପିତ କରି ଏକାଠି ଦେଖିବାର ସୁବିଧା ରହିଛି ଏବଂ ଉପଗ୍ରହ ଚିତ୍ର, ଜଙ୍ଗଲ ଆଚ୍ଛାଦନ ତଥ୍ୟ, ଜମି ଉପଯୋଗ ଏବଂ ଜମି ଆଚ୍ଛାଦନ ସ୍ତର ଇତ୍ୟାଦି ବିଭିନ୍ନ ପୃଷ୍ଠଭୂମି ସ୍ତରଉପରେ ଆରୋପିତ କରା ଯାଇଛି।

## ୧୦.୧.୫ ଜିଆଇଏସ୍ କକ୍ଷରେ ବନ ସୁରକ୍ଷା ସମିତି ଗୁଡିକର ସୂଚନା ଯାଞ୍ଚ

- ବନ ସୁରକ୍ଷା ସମିତିର ପ୍ରସ୍ତାବିତ, ନିର୍ଦ୍ଧାରିତ ଏବଂ ଉପଚାର କ୍ଷେତ୍ରର ଭୂ-ସଂଯୋଜୀ ତଥ୍ୟ (ଅକ୍ଷାଂଶ ଏବଂ ଦ୍ରାଘିମା) ୱେବ ଆଧାରିତ ଜିଆଇଏସ ବ୍ୟବହାର କରି ଅପଲୋଡ୍ କରାଯାଏ।
- ଅପଲୋଡ୍ ହୋଇଥିବା ଡାଟା ନିମ୍ନଲିଖିତ ଦିଗଗୁଡିକ ପାଇଁ ଯାଞ୍ଚ କରାଯାଇଛି:
  - ଉପଚାର କ୍ଷେତ୍ର ($\leq$) ନିର୍ଦ୍ଧାରିତ ହସ୍ତାନ୍ତରିତ ଅଞ୍ଚଳଠାରୁ କମ୍ କିମ୍ବା ସମାନ କି ନୁହେଁ।
  - ଗୋଟିଏ ବନ ସୁରକ୍ଷା ସମିତିର ଉପଚାର/ନିର୍ଦ୍ଧାରିତ ଅଞ୍ଚଳ ଅନ୍ୟ ବନ ସୁରକ୍ଷା ସମିତି ର ନିର୍ଦ୍ଧାରିତ ଅଞ୍ଚଳ ଉପରେ ମାଡିକରି ରହେ ନାହିଁ (ପ୍ରତ୍ୟେକ ବନ ସୁରକ୍ଷା ସମିତିକୁ ଏକ ଅନନ୍ୟ ପରିଚୟ ସଂଖ୍ୟା (ID) ଦିଆ ଯାଇଛି।)
  - ଉପଚାର କ୍ଷେତ୍ର ନିର୍ଦ୍ଧାରିତ ହସ୍ତାନ୍ତରିତ ଅଞ୍ଚଳ ମଧ୍ୟରେ ଆସୁଛି କି ନାହିଁ।
  - ପ୍ରତ୍ୟେକ ରାଜ୍ୟ କୋଡ୍ ପାଇଁ କେବଳ ଗୋଟିଏ ସମ୍ପୃକ୍ତ ବନ ସୁରକ୍ଷା ସମିତି ରହିବା ଉଚିତ୍।

- ସ୍ଥାୟୀ ନିର୍ମାଣର ଭୂ-ସଂଯୋଗ ଯାଞ୍ଚ ପରେ ପ୍ରତ୍ୟେକ ବନ ସୁରକ୍ଷା ସମିତି ପାଇଁ ରାଜ୍ୟ କୋଡ୍ ସୃଷ୍ଟି କରାଯାଏ ଏବଂ ରେକର୍ଡ ପାଇଁ ସମ୍ପୃକ୍ତ ବନଖଣ୍ଡ ଗୁଡ଼ିକୁ ଅବଗତ କରାଯାଏ।
- ସର୍ବେକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ପରେ, ପ୍ରତ୍ୟେକ ବନ ସୁରକ୍ଷା ସମିତିର ହସ୍ତାନ୍ତରିତ ଏବଂ ଉପଚାର କ୍ଷେତ୍ରର ଜିପିଏସ୍ ତଥ୍ୟ ଗୁଡ଼ିକ ସମ୍ପୃକ୍ତ ବନଖଣ୍ଡ ଦ୍ୱାରା ୱେବ୍ ଆଧାରିତ ଜିଆଇଏସ ପୋର୍ଟାଲରେ ଅପଲୋଡ୍ କରାଯାଏ।
- ଏହି ଜିଓ-କୋର୍ଡିନେଟ୍ସ ଗୁଡ଼ିକ ଜିଆଇଏସ୍ କକ୍ଷରେ ଯାଞ୍ଚ କରାଯାଏ ଏବଂ ତ୍ରୁଟି ସଂଶୋଧନ କରାଯାଏ, ଯାହା ପରେ ବନ ସୁରକ୍ଷା ସମିତିର ମାନଚିତ୍ର ପ୍ରସ୍ତୁତ କରାଯାଏ ଏବଂ ସମ୍ପୃକ୍ତ ବନଖଣ୍ଡ ଗୁଡ଼ିକୁ ପ୍ରଦାନ କରାଯାଏ।

## ୧୦.୨ ସୂଚନା ପ୍ରଣାଳୀ ପରିଚାଳନା (MIS)

ଜିଓମାଟିକ୍ସ କକ୍ଷରେ ଥିବା ଓଏଫଏସଡିଏସ ମୁଖ୍ୟାଳୟରେ ଉପଲବ୍ଧ ୱେବ୍ ଆଧାରିତ ସୂଚନା ପ୍ରଣାଳୀ ପରିଚାଳନା (ମ୍ୟାନେଜମେଣ୍ଟ ଇନଫର୍ମେସନ ସିଷ୍ଟମ) ଆମ ଜଙ୍ଗଲ ଯୋଜନା ସାମଗ୍ରିକ ତଦାରଖ ଏବଂ ମୂଲ୍ୟାୟନ ପ୍ରକ୍ରିୟାର ଏକ ଅଂଶବିଶେଷ। ଏମଆଇଏସ ଏହି ଯୋଜନାର ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ଶୃଙ୍ଖଳିତ ତଥ୍ୟ ପ୍ରଦାନ ଏବଂ ସୂଚନା ପ୍ରସାରଣକୁ ନେଇ ଗଠିତ। ଏହା ଉପଭୋକ୍ତାଙ୍କ କ୍ଷମତା ପରିସର ଅନୁଯାୟୀ କରାଯାଏ। ଆବଶ୍ୟକତାର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଜିଓମାଟିକ୍ସ ସେଲ୍ ୱେବ୍ ଆଧାରିତ ନିଜସ୍ୱ ସୂଚନା ପ୍ରଣାଳୀ ପରିଚାଳନା ଆପ୍ଲିକେସନ୍ ବିକଶିତ କରିଛି। ସୂଚନା ପ୍ରଣାଳୀ ପରିଚାଳନା ଆପ୍ଲିକେସନ୍ ବନାଞ୍ଚଳ ଏବଂ ବନଖଣ୍ଡ ଭଳି ଦୁରନ୍ତ କାର୍ଯ୍ୟକ୍ଷମ ଏକକ ଗୁଡ଼ିକରୁ ବାସ୍ତବିକ ତଥ୍ୟ ଆହରଣ ପାଇଁ ଡିଜାଇନ୍ କରାଯାଇଛି। ଏହା ଦ୍ୱାରା ଏହି ଯୋଜନାର କାର୍ଯ୍ୟାନ୍ୱୟନର ଭୌତିକ ଓ ଆର୍ଥିକ ଅଗ୍ରଗତି/ସ୍ଥିତି ସମ୍ପର୍କରେ ତତ୍କାଳ ଏବଂ ସମସାମୟିକ ସୂଚନା ମିଳିଥାଏ। ଏହା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଠିକ୍ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ। ସୂଚନା ପ୍ରଣାଳୀ ପରିଚାଳନା ଆପ୍ଲିକେସନ୍‌ରେ ନିମ୍ନଲିଖିତ କାର୍ଯ୍ୟକାରୀ ଉପାଦାନ ରହିଛି।

### ୧୦.୨.୧ ଡାଟା ଇନପୁଟ୍ ଇଣ୍ଟରଫେସ୍

ସୂଚନା ପ୍ରଣାଳୀ ପରିଚାଳନା ମଡ୍ୟୁଲଗୁଡ଼ିକରେ ଡାଟା ଇନପୁଟ ଇଣ୍ଟରଫେସ୍ ଅଛି ଯାହା ଆମ ଜଙ୍ଗଲ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ସମସ୍ତ ପ୍ରକଳ୍ପ କାର୍ଯ୍ୟକଳାପ/ଉପାଦାନଗୁଡ଼ିକ ପାଇଁ ସହଜ ତଥ୍ୟ ଆଦାନ ପ୍ରଦାନ ଏବଂ ତଥ୍ୟ ପୁନରୁଦ୍ଧାର କୁ ସରଳ କରିବା ପାଇଁ ଡାଟା ଫର୍ମାଟ ପ୍ରଦାନ କରେ। ଡାଟା ଇନପୁଟ୍ ଇଣ୍ଟରଫେସ୍ ତଥ୍ୟର ଉପାଦାନଭିତ୍ତିକ ଅଗ୍ରଗତିକୁ ରେକର୍ଡ କରିବାରେ ସାହାଯ୍ୟ କରେ। ଡାଟା ଇନପୁଟ୍ ଇଣ୍ଟରଫେସ୍ ର ବୈଶିଷ୍ଟ୍ୟଗୁଡ଼ିକର ଏକ ସଂକ୍ଷିପ୍ତ ବର୍ଣ୍ଣନା ନିମ୍ନରେ ଦିଆଗଲା।

- ସହଜ ଡାଟା ଏଣ୍ଟ୍ରି: ଡାଟା ଇଣ୍ଟରଫେସକୁ ସହଜରେ ବୁଝିବା ପାଇଁ ଏହାକୁ ବହୁତ ସରଳ ଭାବରେ ସଂରଚନା କରାଯାଇଛି।
- ତଥ୍ୟର ବୈଧତା: ଡାଟା ଇନପୁଟ୍ ଫିଲ୍ଡଗୁଡ଼ିକ ସିଷ୍ଟମ୍ ରେ ଭୁଲ୍ ତଥ୍ୟ ପ୍ରଦାନକୁ ନିୟନ୍ତ୍ରଣ କରିବା ପାଇଁ ତଥ୍ୟ ବୈଧତା ରୁଟିନ୍ ସହିତ ଯୋଗ କରା ଯାଇଛି।

### ୧୦.୨.୨ ରିପୋର୍ଟ ପ୍ରସ୍ତୁତି

ସୂଚନା ପ୍ରଣାଳୀ ପରିଚାଳନା ଆପ୍ଲିକେସନରେ ସମସ୍ତ ପରିଚାଳନାଗତ ସ୍ତରରେ ରିପୋର୍ଟିଂ ସୁବିଧା ଅନ୍ତର୍ଭୁକ୍ତ। ତେବେ ରିପୋର୍ଟର ବିଷୟବସ୍ତୁ ଏବଂ ପ୍ରକାର ସମ୍ପୃକ୍ତ ଉପଭୋକ୍ତାଙ୍କ ପରିଚାଳନା ସ୍ତର ତଥା ପରିଚାଳନା ପରିଧି ଉପରେ ନିର୍ଭର କରେ। ଏହି ରିପୋର୍ଟଗୁଡ଼ିକ ମୋଟାମୋଟି ଏହିପରି ଭାବରେ ବିଭକ୍ତ:

- ମାସିକ ବିବରଣୀ
- ପରିସର ଭିତ୍ତିକ ରିପୋର୍ଟ ଏବଂ
- ଅନୁସନ୍ଧାନ ଭିତ୍ତିକ ରିପୋର୍ଟ।

ଉପରୋକ୍ତ ବର୍ଗର ରିପୋର୍ଟ ବ୍ୟତୀତ ପ୍ରକଳ୍ପ ପରିଚାଳନା ଏକକ ତଥ୍ୟ ବିଶ୍ଳେଷଣ ଫଳାଫଳ ଆଧାରରେ ଆବଶ୍ୟକୀୟ ଲିଖିତ ଏବଂ ଗ୍ରାଫିକାଲ ରିପୋର୍ଟ ସୃଷ୍ଟି କରିଥାଏ ।

### ୧୦.୨.୩ ଆପ୍ଲିକେସନ୍ / ତଥ୍ୟର ସୁରକ୍ଷା

ବିକଶିତ ନିଜସ୍ୱ ଏମ୍‌ଆଇଏସ୍ ଆପ୍ଲିକେସନ୍ ଅତ୍ୟନ୍ତ ସୁରକ୍ଷିତ ଏବଂ ଏହାର ଯେକୌଣସି ସ୍ତରରେ ସୂଚନା ଆହରଣ ପାଇଁ ଉପଭୋକ୍ତା-ପରିଚୟପତ୍ର ଏବଂ ପାସୱାର୍ଡ ବାଧ୍ୟତାମୂଳକ ଅଟେ। ସିଷ୍ଟମର ସମସ୍ତ ଉପଭୋକ୍ତାଙ୍କର ଏକ ଉପଭୋକ୍ତା ଆକାଉଣ୍ଟ ଅଛି ଯାହା ବନାଞ୍ଚଳ ପରିଚାଳନା ସ୍ତର କିମ୍ବା ବନଖଣ୍ଡ ପରିଚାଳନା ସ୍ତର କିମ୍ବା ପ୍ରକଳ୍ପ ପରିଚାଳନା ଏକକ ସ୍ତରରେ ଅନ୍ତର୍ଭୁକ୍ତ କରାଯାଇଛି। ଏଭଳି ପ୍ରତ୍ୟେକ ଉପଭୋକ୍ତା ଆକାଉଣ୍ଟରେ ୟୁଜର-ଆଇଡି ଏବଂ ଷ୍ଟ୍ରଙ୍ଗ ପାସୱାର୍ଡର ସ୍ୱତନ୍ତ୍ର ସମନ୍ୱୟ ଦିଆଯାଇଛି। ଆପ୍ଲିକେସନ ଉପାଦାନକୁ ଆକସେସ୍ କରିବାକୁ ସକ୍ଷମ ହେବା ପାଇଁ ଉପଭୋକ୍ତାଙ୍କୁ ନିର୍ଦ୍ଧାରିତ ୟୁଜର-ଆଇଡି ଏବଂ ପାସୱାର୍ଡ ବ୍ୟବହାର କରି ସିଷ୍ଟମରେ ଲଗ୍ ଇନ୍ କରିବାକୁ ପଡିବ। ଥରେ ସଫଳତାର ସହ ଲଗ-ଇନ୍ କରିବା ପରେ, ଉପଭୋକ୍ତାଙ୍କୁ ସେମାନଙ୍କର ନିର୍ଦ୍ଦିଷ୍ଟ ପରିଚାଳନା ସ୍ତର ସମ୍ବନ୍ଧୀୟ ଆପ୍ଲିକେସନ୍ ବୈଶିଷ୍ଟ୍ୟ ପ୍ରଦାନ କରାଯାଇଥାଏ।

# ଅଧ୍ୟାୟ ୧୧

# ଆର୍ଥିକ ପରିଚାଳନା

ଆମ ଜଙ୍ଗଲ ଯୋଜନାର ପ୍ରାରମ୍ଭିକ ବ୍ୟୟ ବରାଦ ସ୍ୱରୂପ ୨୦୧୬-୧୭ରୁ ୨୦୨୧-୨୨ ପର୍ଯ୍ୟନ୍ତ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ), ରାଜ୍ୟ କାମ୍ପା, ମନରେଗା ଏବଂ ଏନଆରଏଲଏମରୁ ୧୧୭୦.୦୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା। ତେବେ ଆମ ଜଙ୍ଗଲ ଯୋଜନା ପାଇଁ କେବଳ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ଓ ରାଜ୍ୟ କ୍ୟାମ୍ପା ଜରିଆରେ ପାଣ୍ଠି ମିଳିଥିଲା। ଏହାବ୍ୟତୀତ ରକ୍ଷଣାବେକ୍ଷଣ ପର୍ଯ୍ୟାୟ (୨୦୨୨-୨୩ରୁ ୨୦୨୪-୨୫) ପାଇଁ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ରୁ ୪୫.୭୦ କୋଟି ଟଙ୍କା ଏବଂ ରାଜ୍ୟ କ୍ୟାମ୍ପାରୁ ୭୫.୭୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୋଟ ବ୍ୟୟବରାଦ ମଧ୍ୟରୁ ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟ କାମ୍ପାରୁ ୫୧୧.୩୪ କୋଟି ଟଙ୍କା ଏବଂ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ରୁ ୧୩୫.୬୦ କୋଟି ଟଙ୍କା ମିଳିଛି।

କ୍ୟାମ୍ପା ପାଣ୍ଠିକୁ ଗୋଷ୍ଠୀ ସଂଚାଳନ, ଅଂଶୀଦାର ମାନଙ୍କ ଦକ୍ଷତା ବୃଦ୍ଧି, ସର୍ବେକ୍ଷଣ ଓ ସୀମାନିର୍ଦ୍ଧାରଣ, ମୃତ୍ତିକା ଓ ଜଳ ସଂରକ୍ଷଣ ପଦକ୍ଷେପ, ଅଣୁଯୋଜନା ପ୍ରସ୍ତୁତି ଏବଂ ଜଙ୍ଗଲ ପୁନର୍ଜନନ କାର୍ଯ୍ୟକ୍ରମ (ଏଏନ୍ଆର୍ ଏବଂ ଏକ ଚକଡି ବୃକ୍ଷରୋପଣ) ପାଇଁ ବ୍ୟବହାର କରାଯାଇଥିବା ବେଳେ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ପାଣ୍ଠି ପ୍ରାବେଶିକ କାର୍ଯ୍ୟ, ବନ ସୁରକ୍ଷା ସମିତି କୋଠା ଗୃହ ତଥା ରୋଜଗାର ସହାୟତା କେନ୍ଦ୍ର ନିର୍ମାଣ ଏବଂ ପରିଚାଳନାଗତ ଖର୍ଚ୍ଚ, ଯଥା ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକୁ ସହାୟତା ପାଇଁ, ସହାୟକ କର୍ମଚାରୀ ଏବଂ ଅଫିସ କଣ୍ଟିଜେନ୍ସି ଇତ୍ୟାଦି ପାଇଁ ବ୍ୟବହାର କରାଯାଉଛି।

## ୧୧.୧ ବ୍ୟୟବରାଦ ଓ ପାଣ୍ଠି ପ୍ରାପ୍ତି

ସାରଣୀ ୧୧.୧ ଏବଂ ୧୧.୨ ରେ ୨୦୨୩-୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରାଜ୍ୟ କ୍ୟାମ୍ପା ଏବଂ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ରୁ ପ୍ରାପ୍ତ ବର୍ଷୱାରୀ ବଜେଟ୍ ବ୍ୟୟବରାଦ ଏବଂ ପାଣ୍ଠି ପ୍ରାପ୍ତିକୁ ଦର୍ଶାଯାଇଛି।

**ସାରଣୀ ୧୧.୧: ରାଜ୍ୟ କାମ୍ପାରୁ ଆର୍ଥିକ ବର୍ଷୱାରୀ ପାଣ୍ଠି ପ୍ରାପ୍ତି**

| ଆର୍ଥିକ ବର୍ଷ | ପାଣ୍ଠି ପ୍ରାପ୍ତି (ଲକ୍ଷ ଟଙ୍କାରେ) |
|---|---|
| ୨୦୧୫-୧୬ | ୧,୮୬୨.୩୭ |
| ୨୦୧୬-୧୭ | ୧,୧୨୦.୦୦ |
| ୨୦୧୭-୧୮ | ୮,୮୯୮.୯୩ |
| ୨୦୧୮-୧୯ | ୯,୪୭୪.୯୬ |
| ୨୦୧୯-୨୦ | ୭,୨୯୨.୮୦ |
| ୨୦୨୦-୨୧ | ୬,୬୨୪.୬୯ |
| ୨୦୨୧-୨୨ | ୯,୬୫୭.୧୧ |
| ୨୦୨୨-୨୩ | ୩,୮୨୯.୫୪ |
| ୨୦୨୩-୨୪ | ୨,୩୭୫.୦୧ |
| **ମୋଟ** | **୫୧,୧୩୪.୭୨** |

**ସାରଣୀ ୧୧.୨ : ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ)ରୁ ଆର୍ଥିକ ବର୍ଷୱାରୀ ପାଣ୍ଠି ପ୍ରାପ୍ତି**

| ଆର୍ଥିକ ବର୍ଷ | ପାଣ୍ଠି ପ୍ରାପ୍ତି (ଲକ୍ଷ ଟଙ୍କାରେ) |
|---|---|
| ୨୦୧୧-୧୨ | ୧୦୦୦.୦୦ |
| ୨୦୧୩-୧୪ | ୧୦.୦୦ |
| ୨୦୧୪-୧୫ | ୧୧୦.୦୦ |
| ୨୦୧୬-୧୭ | ୧୦୦୦.୦୦ |
| ୨୦୧୭-୧୮ | ୧୦୦୦.୦୦ |
| ୨୦୧୮-୧୯ | ୨୫୦୦.୦୦ |
| ୨୦୧୯-୨୦ | ୧୫୦୦.୦୦ |
| ୨୦୨୦-୨୧ | ୧୫୦୦.୦୦ |
| ୨୦୨୧-୨୨ | ୧୫୦୦.୦୦ |
| ୨୦୨୨-୨୩ | ୧୮୧୫.୦୦ |
| ୨୦୨୩-୨୪ | ୧୬୨୫.୦୦ |
| **ସମୁଦାୟ** | **୧୩,୫୬୦.୦୦** |

## ୧୧.୨ ବ୍ୟୟ

ରାଜ୍ୟ କାମ୍ପା ପାଣ୍ଠିକୁ ଆମ ଜଙ୍ଗଲ ଯୋଜନାର ନିମ୍ନଲିଖିତ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯାଇଛି ।

- ଗୋଷ୍ଠୀ ସଂଚାଳନ ଏବଂ ଅନୁଷ୍ଠାନ ଗଠନ
- ଯୁଗ୍ମ ବନ ପରିଚାଳନା ସ୍ଥାନ ଚୟନ
- ବନ ସୁରକ୍ଷା ସମିତିକୁ ହସ୍ତାନ୍ତରିତ ଜଙ୍ଗଲ ଅଞ୍ଚଳର ସର୍ବେକ୍ଷଣ ଓ ସୀମା ନିର୍ଦ୍ଧାରଣ ଏବଂ ମ୍ୟାପିଂ
- ଅଣୁ ଯୋଜନା ପ୍ରସ୍ତୁତି
- ବନ ସୁରକ୍ଷା ସମିତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ଏବଂ ବିଭାଗୀୟ କର୍ମଚାରୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ସହାୟତା
- ଯୁଗ୍ମ ବନ ପରିଚାଳନା ଅଧୀନରେ ଜଙ୍ଗଲ ପୁନରୁଦ୍ଧାର ଏବଂ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ
- ବୃକ୍ଷରୋପଣ ସହିତ ଏବଂ ବୃକ୍ଷରୋପଣ ବିନା ଜଙ୍ଗଲର ପୁନରୁଦ୍ଧାର
- ଚକଡି ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ

ସେହିଭଳି ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ପାଣ୍ଠିକୁ ଏହି ଯୋଜନାର ପରିଚାଳନାଗତ ଖର୍ଚ୍ଚ ପାଇଁ ବ୍ୟବହାର କରାଯାଏ, ଯେପରିକି ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦଳର ପାରିଶ୍ରମିକ, ଆନିମେଟରର ପାରିଶ୍ରମିକ, ବନାଞ୍ଚଳ ଏବଂ ବନଖଣ୍ଡ ସ୍ତରରେ ପରିଚାଳନାଗତ ଖର୍ଚ୍ଚ, ସହାୟକ କର୍ମଚାରୀଙ୍କ ପାରିଶ୍ରମିକ, ବନ ସୁରକ୍ଷା ସମିତି ଗୃହ ତଥା ରୋଜଗାର ସହାୟତା କେନ୍ଦ୍ର ନିର୍ମାଣ ଏବଂ ପ୍ରକଳ୍ପ ପରିଚାଳନା ଏକକ ସ୍ତରୀୟ ଖର୍ଚ୍ଚ ।

ସାରଣୀ ୧୧.୩ ରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନଖଣ୍ଡଗୁଡିକ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ)ରୁ ପ୍ରଦତ୍ତ ଉପାଦାନ ୱାରୀ ଏବଂ ବନଖଣ୍ଡ ୱାରୀ ପାଣ୍ଠି ପ୍ରଦାନ ବିଷୟ ଉପସ୍ଥାପିତ ।

ସାରଣୀ ନଂ ୧୧.୪ ରେ ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନଖଣ୍ଡ ଗୁଡିକରେ ଉପାଦାନ ଅନୁଯାୟୀ / ବନଖଣ୍ଡ ଅନୁଯାୟୀ ଭୌତିକ ଉପଲବ୍ଧି ବିଷୟରେ ସୂଚିତ କରାଯାଇଛି ଏବଂ ସାରଣୀ ନଂ ୧୧.୫ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ କାମ୍ପା ଏପିଓ ଅଧୀନରେ ଉପାଦାନ ଏବଂ ବନଖଣ୍ଡ ଭିତ୍ତିକ ଆର୍ଥିକ ଅଗ୍ରଗତି ଉପସ୍ଥାପନ କରାଯାଇଛି ।

**ସାରଣୀ ୧୧.୩: ଆମ ଜଙ୍ଗଲ ଯୋଜନା ଅଧୀନରେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ରୁ ପ୍ରଦତ୍ତ ଉପାଦାନ ଭିତ୍ତିକ ଏବଂ ବନଖଣ୍ଡ ୱାରୀ ପାଣ୍ଠି (ଲକ୍ଷ ଟଙ୍କାରେ)**

| କ୍ର.ସଂ. | ବନଖଣ୍ଡ | RCCF/DMU/ FMU ସହାୟକ କର୍ମଚାରୀ | ଯାତାୟତ ଖର୍ଚ୍ଚ | ବିଭାଗୀୟ କର୍ମଚାରୀଙ୍କ ଯାତାୟତ ଖର୍ଚ୍ଚ | କାର୍ଯ୍ୟାଳୟ ଖର୍ଚ୍ଚ | ଆନିମେଟର ପାରିଶ୍ରମିକ | PNGO ନିୟୋଜନ ଖର୍ଚ୍ଚ | VSS ଗୃହ ନିର୍ମାଣ | ହର୍ବାଲ ମେଳା | ଦକ୍ଷତା ବିକାଶ | ଆଦିବାସୀ ମେଳା | ମୋଟ |
|---|---|---|---|---|---|---|---|---|---|---|---|---|
| ୧ | ବଣାଇ | ୭.୫୩ | ୦.୪୦ | ୦.୪୦ | ୦.୫୦ | ୨.୪୦ | ୬.୭୨ | ୧୦.୩୦ | ୦.୧୬ | ୦ | ୦.୨୦ | ୨୮.୬୧ |
| ୨ | ରାଉରକେଲା | ୧୬.୭୩ | ୦.୪୦ | ୦.୪୦ | ୦.୫୦ | ୫.୧୬ | ୧୫.୧୨ | ୧୨.୮୭ | | | | ୫୧.୧୮ |
| ୩ | ଦେଓଗଡ | ୧୮.୮୬ | ୦.୪୦ | ୦.୪୦ | ୦.୫୦ | ୧୦.୮୦ | ୨୮.୫୬ | ୧୨.୮୭ | | | ୦.୨୦ | ୭୨.୬୦ |
| ୪ | ଜୟପୁର | ୧୮.୯୩ | ୦.୨୦ | ୦.୩୦ | ୦.୮୦ | ୫.୪୦ | ୧୬.୨୬ | ୧୮.୦୨ | ୦.୨୦ | | ୦.୨୦ | ୬୦.୩୧ |
| ୫ | କେଉଁଝର | ୧୬.୨୭ | ୦.୪୦ | ୦.୪୦ | ୦.୫୦ | ୪.୮୦ | ୧୪.୧୩ | ୧୦.୩୦ | | | | ୪୬.୮୦ |
| ୬ | ପାରଳାଖେମୁଣ୍ଡି | ୧୮.୭୪ | ୦.୪୦ | ୦.୪୦ | ୦.୫୦ | ୫.୮୮ | ୧୫.୫୭ | ୧୦.୩୦ | ୦.୧୬ | | | ୫୧.୯୫ |
| ୭ | ଅନୁଗୁଳ | ୧୭.୭୩ | ୦.୪୦ | ୦.୪୦ | ୦.୫୦ | ୩.୩୬ | ୦.୦୦ | ୧୦.୩୦ | ୦.୩୧ | | | ୩୩.୦୧ |
| ୮ | କୋରାପୁଟ | ୧୦.୨୨ | ୦.୪୦ | ୦.୪୦ | ୦.୫୦ | ୨.୦୪ | ୧.୬୮ | ୫.୧୫ | | | | ୨୦.୩୯ |
| ୯ | ବାଲେଶ୍ୱର ବନ୍ୟପ୍ରାଣୀ | ୧୮.୯୨ | ୦.୪୦ | ୦.୪୦ | ୦.୫୦ | ୧୪.୬୪ | ୩୪.୬୮ | ୧୫.୪୫ | ୦.୨୦ | ୧.୮୦ | | ୮୬.୯୯ |
| ୧୦ | ଫୁଲବାଣୀ | ୧୮.୭୭ | ୦.୪୦ | ୦.୪୦ | ୦.୫୦ | ୭.୨୦ | ୨୫.୪୪ | ୧୨.୮୭ | ୦.୩୬ | | ୦.୨୦ | ୬୬.୧୫ |
| ୧୧ | ବାଲିଗୁଡା | ୨୧.୧୫ | ୦.୪୦ | ୦.୪୦ | ୦.୫୦ | ୧୩.୨୦ | ୩୫.୨୮ | ୧୨.୮୭ | ୦.୨୦ | | | ୮୪.୦୦ |
| ୧୨ | ରାୟଗଡା | ୨୧.୧୦ | ୦.୪୦ | ୦.୪୦ | ୦.୫୦ | ୧୩.୨୦ | ୩୭.୩୨ | ୧୦.୩୦ | | | | ୮୩.୨୨ |
| ୧୩ | କେଉଁଝର ବନ୍ୟପ୍ରାଣୀ | ୨୯.୮୦ | ୦.୪୦ | ୦.୪୦ | ୦.୫୦ | ୧୦.୮୦ | ୨୮.୫୬ | ୧୦.୩୦ | ୦.୧୬ | | | ୮୦.୯୨ |
| ୧୪ | ସାତକୋଶିଆ ବନ୍ୟପ୍ରାଣୀ * | ୧୬.୭୫ | ୦.୪୦ | ୦.୪୦ | ୦.୫୦ | ୧୩.୬୮ | ୩୦.୪୫ | ୧୫.୪୫ | | | | ୭୭.୬୩ |
| ୧୫ | ବାମରା ବନ୍ୟପ୍ରାଣୀ | ୧୬.୬୮ | ୦.୪୦ | ୦.୪୦ | ୦.୫୦ | ୭.୮୦ | ୧୭.୪୬ | ୧୦.୩୦ | | | | ୫୩.୫୪ |
| ୧୬ | ବଲାଙ୍ଗୀର | ୧୪.୩୭ | ୦.୪୦ | ୦.୪୦ | ୦.୫୦ | ୩.୭୨ | ୯.୫୭ | ୧୦.୩୦ | | | | ୩୯.୨୬ |
| ୧୭ | ଖରିଆର | ୧୪.୪୫ | ୦.୪୦ | ୦.୪୦ | ୦.୫୦ | ୫.୬୪ | ୧୯.୮୬ | ୧୦.୩୦ | | | | ୫୧.୫୫ |
| ୧୮ | ବରଗଡ | ୧୨.୩୬ | ୦.୪୦ | ୦.୪୦ | ୦.୫୦ | ୩.୬୦ | ୮.୪୦ | ୧୨.୮୭ | | | | ୩୮.୫୪ |
| ୧୯ | ମାଲକାନଗିରି | ୧୬.୭୫ | ୦.୫୦ | ୦.୦୦ | ୦.୮୦ | ୮.୪୦ | ୨୪.୫୧ | ୧୦.୩୦ | ୦.୨୦ | | ୦.୨୦ | ୬୧.୬୬ |
| ୨୦ | କଳାହାଣ୍ଡି (ଦକ୍ଷିଣ) | ୧୮.୭୭ | ୦.୪୦ | ୦.୪୦ | ୦.୫୦ | ୧୭.୮୮ | ୩୬.୭୫ | ୧୨.୮୭ | | | ୦.୨୦ | ୮୭.୬୮ |
| ୨୧ | କଳାହାଣ୍ଡି (ଉତ୍ତର) | ୧୮.୪୩ | ୦.୪୦ | ୦.୪୦ | ୦.୫୦ | ୪.୮୦ | ୧୩.୪୪ | ୧୨.୮୭ | | | | ୫୦.୮୫ |
| ୨୨ | ନବରଙ୍ଗପୁର | ୧୮.୯୧ | ୦.୪୦ | ୦.୪୦ | ୦.୫୦ | ୬.୪୮ | ୧୫.୧୨ | ୧୦.୩୦ | ୦.୨୦ | | ୦.୨୦ | ୫୨.୫୧ |
| | **ସମୁଦାୟ** | **୩୮୨.୨୯** | **୮.୭୦** | **୮.୩୦** | **୧୧.୬୦** | **୧୭୦.୮୮** | **୪୩୪.୮୮** | **୨୫୭.୫୦** | **୨.୧୬** | **୧.୮୦** | **୧.୪୦** | **୧୨୭୯.୫୧** |

**ସାରଣୀ ନଂ ୧୧.୪ : ୨୦୨୩- ୨୪ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନଖଣ୍ଡ ଗୁଡିକରେ ଉପାଦାନ ଅନୁଯାୟୀ / ବନଖଣ୍ଡ ଅନୁଯାୟୀ ଭୌତିକ ଉପଲବ୍ଧି (ରାଜ୍ୟ କାମ୍ପା)**

| କ୍ର.ସଂ. | ବନଖଣ୍ଡ | ANR with GAP Plantation (3rd yr) | | ANR without GAP Plantation (3rd yr) | | ANR without GAP Plantation (4th yr) | |
|---|---|---|---|---|---|---|---|
| | | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟର) | ଲକ୍ଷ୍ୟପୁରଣ (ହେକ୍ଟର) | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟର) | ଲକ୍ଷ୍ୟପୁରଣ (ହେକ୍ଟର) | ଧାର୍ଯ୍ୟ ଲକ୍ଷ୍ୟ (ହେକ୍ଟର) | ଲକ୍ଷ୍ୟପୁରଣ (ହେକ୍ଟର) |
| ୧ | ଅନୁଗୁଳ | – | – | ୩୭୫ | ୩୭୫ | ୧୦୦୦ | ୧୦୦୦ |
| ୨ | ବାଲେଶ୍ୱର ବନ୍ୟପ୍ରାଣୀ | – | – | ୫୦ | ୫୦ | ୭୫୦ | ୭୫୦ |
| ୩ | ବାଲିଗୁଡା | ୧୦୦୦ | ୧,୦୦୦ | ୧୦୦୦ | ୧୦୦୦ | ୧୦୦୦ | ୧୦୦୦ |
| ୪ | ବାମରା ବନ୍ୟପ୍ରାଣୀ | ୬୦୦ | ୬୦୦ | ୬୯୫ | ୬୯୫ | ୧୦୦୦ | ୧୦୦୦ |
| ୫ | ବରଗଡ | – | – | ୪୦୦ | ୪୦୦ | ୧୦୦୦ | ୧୦୦୦ |
| ୬ | ବଲାଙ୍ଗୀର | ୧୦୦୦ | ୧,୦୦୦ | ୧୦୦୦ | ୧୦୦୦ | ୨୫୦୦ | ୨୫୦୦ |
| ୭ | ବଣାଇ | – | – | ୬୮୨ | ୬୮୨ | ୦ | ୦ |
| ୮ | ଦେଓଗଡ଼ | ୫୫୦ | ୫୫୦ | ୫୫୦ | ୫୫୦ | ୧୦୦୦ | ୧୦୦୦ |
| ୯ | ଜୟପୁର | ୧୭୫୦ | ୧,୭୫୦ | ୧୭୫୦ | ୧୭୫୦ | ୧୦୦୦ | ୧୦୦୦ |
| ୧୦ | କଳାହାଣ୍ଡି (ଉତ୍ତର) | ୨୦୦୦ | ୧,୯୫୦ | ୨୨୦୦ | ୨୨୦୦ | ୧୫୦୦ | ୧୫୦୦ |
| ୧୧ | କଳାହାଣ୍ଡି (ଦକ୍ଷିଣ) | ୨୦୦୦ | ୨,୦୦୦ | ୨୨୦୦ | ୨୨୦୦ | ୩୨୫୦ | ୩୨୫୦ |
| ୧୨ | କେଉଁଝର | ୬୦୦ | ୬୦୦ | ୬୫୦ | ୬୫୦ | ୧୦୦୦ | ୧୦୦୦ |
| ୧୩ | କେଉଁଝର ବନ୍ୟପ୍ରାଣୀ | ୭୦୦ | ୭୦୦ | ୮୦୦ | ୮୦୦ | ୦ | ୦ |
| ୧୪ | ଖରିଆର | ୬୦୦ | ୬୦୦ | ୬୭୦ | ୬୨୦ | ୨୦୦୦ | ୨୦୦୦ |
| ୧୫ | କୋରାପୁଟ | ୨୧୦୦ | ୨,୧୦୦ | ୨୪୦୦ | ୨୪୦୦ | ୧୦୦୦ | ୧୦୦୦ |
| ୧୬ | ମାଲକାନଗିରି | ୭୫୦ | ୭୫୦ | ୭୫୦ | ୭୫୦ | ୨୦୦୦ | ୨୦୦୦ |
| ୧୭ | ନବରଙ୍ଗପୁର | ୮୫୦ | ୮୫୦ | ୮୫୦ | ୮୫୦ | ୧୦୦୦ | ୧୦୦୦ |
| ୧୮ | ପାରଳାଖେମୁଣ୍ଡି | ୫୦୦ | ୫୦୦ | ୫୦୦ | ୫୦୦ | ୧୦୦୦ | ୧୦୦୦ |
| ୧୯ | ଫୁଲବାଣୀ | ୧୬୦୦ | ୧,୬୦୦ | ୧୫୬୦ | ୧୫୬୦ | ୨୦୦୦ | ୨୦୦୦ |
| ୨୦ | ରେଢାଖୋଲ | ୫୦୦ | ୫୦୦ | ୫୦୦ | ୫୦୦ | ୧୦୦୦ | ୧୦୦୦ |
| ୨୧ | ରାୟଗଡା | ୨୨୦୦ | ୨,୨୦୦ | ୨୫୪୫ | ୨୫୪୫ | ୧୦୦୦ | ୧୦୦୦ |
| ୨୨ | ରାଉରକେଲା | ୬୭୫ | ୬୭୫ | ୭୩୫ | ୭୩୫ | ୧୦୦୦ | ୧୦୦୦ |
| ମୋଟ | ୧୯୯୭୫ | ୧୯୯୨୫ | ୨୨୮୬୨ | ୨୨,୮୧୨ | ୨୭୦୦୦ | ୨୭୦୦୦ | ୨୭୦୦୦ |

## ସାରଣୀ ନଂ ୧୧.୫ : ୨୦୨୩- ୨୪ ଆର୍ଥିକ ବର୍ଷରେ ରାଜ୍ୟ କାମ୍ପା ଏପିଓ ଅଧୀନରେ ଉପାଦାନ ଏବଂ ବନଖଣ୍ଡ ଭିତ୍ତିକ ଆର୍ଥିକ ଅଗ୍ରଗତି

| କ୍ର.ସଂ. | ବନଖଣ୍ଡ | ଅର୍ଥ ପ୍ରାପ୍ତି | ଅର୍ଥ ବିନିଯୋଗ | | | ମୋଟ ବିନିଯୋଗ |
|---|---|---|---|---|---|---|
| | | | ANR With Gap Plantation -3rd year | ANR Without Gap Plantation -3rd year | ANR Without Gap Plantation - 4th year) | |
| ୧ | ଅନୁଗୁଳ | ୨୧,୬୯,୦୦୦ | – | ୧୦,୯୧,୦୦୦ | ୧୦,୭୮,୦୦୦ | ୨୧,୬୯,୦୦୦ |
| ୨ | ବାଲେଶ୍ୱର ବନ୍ୟପ୍ରାଣୀ | ୯,୫୪,୦୦୦ | – | ୧,୪୫,୦୦୦ | ୮,୦୯,୦୦୦ | ୯,୫୪,୦୦୦ |
| ୩ | ବାଲିଗୁଡା | ୧,୧୦,୭୮,୦୦୦ | ୭୦,୯୨,୦୦୦ | ୨୯,୦୮,୦୦୦ | ୧୦,୭୮,୦୦୦ | ୧,୧୦,୭୮,୦୦୦ |
| ୪ | ବାମରା ବନ୍ୟପ୍ରାଣୀ | ୭୩,୫୪,୦୦୦ | ୪୨,୫୫,୨୦୦ | ୨୦,୨୧,୦୬୦ | ୧୦,୭୭,୭୪୦ | ୭୩,୫୪,୦୦୦ |
| ୫ | ବରଗଡ | ୨୨,୪୧,୦୦୦ | – | ୧୧,୬୩,୦୦୦ | ୧୦,୭୮,୦୦୦ | ୨୨,୪୧,୦୦୦ |
| ୬ | ବଲାଙ୍ଗୀର | ୧,୨୬,୯୫,୦୦୦ | ୭୦,୯୨,୦୦୦ | ୨୯,୦୮,୦୦୦ | ୨୬,୯୫,୦୦୦ | ୧,୨୬,୯୫,୦୦୦ |
| ୭ | ବଣାଇ | ୧୯,୮୩,୦୦୦ | – | ୧୯,୮୩,୦୦୦ | – | ୧୯,୮୩,୦୦୦ |
| ୮ | ଦେଓଗଡ଼ | ୬୫,୭୮,୦୦୦ | ୩୯,୦୦,୬୦୦ | ୧୫,୯୯,୪୦୦ | ୧୦,୭୮,୦୦୦ | ୬୫,୭୮,୦୦୦ |
| ୯ | ଜୟପୁର | ୧,୮୫,୭୮,୦୦୦ | ୧,୨୪,୧୧,୦୦୦ | ୫୦,୮୯,୦୦୦ | ୧୦,୭୮,୦୦୦ | ୧,୮୫,୭୮,୦୦୦ |
| ୧୦ | କଳାହାଣ୍ଡି (ଉତ୍ତର) | ୨,୨୧,୯୯,୦୦୦ | ୧,୪୧,୮୪,୦୦୦ | ୬୩,୯୮,୦୦୦ | ୧୬,୧୭,୦୦୦ | ୨,୨୧,୯୯,୦୦୦ |
| ୧୧ | କଳାହାଣ୍ଡି (ଦକ୍ଷିଣ) | ୨,୪୦,୮୫,୦୦୦ | ୧,୪୧,୮୪,୦୦୦ | ୬୩,୯୭,୫୦୦ | ୩୫,୦୩,୫୦୦ | ୨,୪୦,୮୫,୦୦୦ |
| ୧୨ | କେଉଁଝର | ୭୨,୨୩,୦୦୦ | ୪୩,୭୦,୬୭୭ | ୧୮,୩୨,୯୬୩ | ୧୦,୧୯,୩୬୦ | ୭୨,୨୩,୦୦୦ |
| ୧୩ | କେଉଁଝର ବନ୍ୟପ୍ରାଣୀ | ୭୨,୯୧,୦୦୦ | ୪୯,୬୪,୪୦୦ | ୨୩,୨୬,୬୦୦ | – | ୭୨,୯୧,୦୦୦ |
| ୧୪ | ଖରିଆର | ୮୩,୬୦,୦୦୦ | ୪୨,୫୫,୨୦୦ | ୧୮,୦୨,୯୬୦ | ୨୧,୫୬,୦୦୦ | ୮୨,୧୪,୧୬୦ |
| ୧୫ | କୋରାପୁଟ | ୨,୨୯,୫୦,୦୦୦ | ୧,୪୮,୯୩,୨୦୦ | ୬୯,୭୯,୨୦୦ | ୧୦,୭୭,୬୦୦ | ୨,୨୯,୫୦,୦୦୦ |
| ୧୬ | ମାଲକାନଗିରି | ୯୬,୫୬,୦୦୦ | ୫୩,୧୯,୦୦୦ | ୨୧,୮୧,୦୦୦ | ୨୧,୫୬,୦୦୦ | ୯୬,୫୬,୦୦୦ |
| ୧୭ | ନବରଙ୍ଗପୁର | ୯୫,୭୮,୦୦୦ | ୫୮,୨୩,୫୫୦ | ୨୬,୭୬,୪୫୦ | ୧୦,୭୮,୦୦୦ | ୯୫,୭୮,୦୦୦ |
| ୧୮ | ପାରଳାଖେମୁଣ୍ଡି | ୬୦,୭୮,୦୦୦ | ୩୫,୪୬,୦୦୦ | ୧୪,୫୪,୦୦୦ | ୧୦,୭୮,୦୦୦ | ୬୦,୭୮,୦୦୦ |
| ୧୯ | ଫୁଲବାଣୀ | ୧,୮୦,୪୦,୦୦୦ | ୧,୧୩,୪୭,୨୦୦ | ୪୫,୩୬,୮୦୦ | ୨୧,୫୬,୦୦୦ | ୧,୮୦,୪୦,୦୦୦ |
| ୨୦ | ରେଢାଖୋଲ | ୬୦,୭୮,୦୦୦ | ୩୫,୪୬,୦୦୦ | ୧୪,୫୪,୦୦୦ | ୧୦,୭୮,୦୦୦ | ୬୦,୭୮,୦୦୦ |
| ୨୧ | ରାୟଗଡା | ୨,୪୦,୮୧,୦୦୦ | ୧,୫୬,୦୨,୪୦୦ | ୭୪,୦୦,୬୦୦ | ୧୦,୭୮,୦୦୦ | ୨,୪୦,୮୧,୦୦୦ |
| ୨୨ | ରାଉରକେଲା | ୮୨,୫୨,୦୦୦ | ୪୭,୮୭,୧୦୦ | ୨୧,୩୬,୯୦୦ | ୧୦,୭୮,୦୦୦ | ୮୦,୦୨,୦୦୦ |
| ମୋଟ | ୨୩,୭୫,୦୧,୦୦୦ | ୧୪,୧୫,୭୩,୫୨୭ | ୬,୬୪,୮୪,୪୩୩ | ୨,୯୦,୪୭,୨୦୦ | ୨୩,୭୧,୦୫,୧୬୦ | ୨୩,୭୧,୦୫,୧୬୦ |

## ସାରଣୀ ନଂ ୧୧.୬: ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ ଆର୍ଥିକ ବର୍ଷୱାରୀ ଅର୍ଥ ବରାଦ ( ୨୦୨୨-୨୩ ରୁ ୨୦୨୪-୨୫)

| ପାଣ୍ଠିର ଉତ୍ସ | ଅର୍ଥ ବରାଦ (ଲକ୍ଷ ଟଙ୍କାରେ) | | | ମୋଟ ଅର୍ଥ ବରାଦ (ଲକ୍ଷ ଟଙ୍କାରେ) |
|---|---|---|---|---|
| | ୨୦୨୨-୨୩ | ୨୦୨୩-୨୪ | ୨୦୨୪-୨୫ | |
| ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) | ୧୮୧୫.୦୦ | ୧୬୨୪.୮୦ | ୧୧୩୦.୪୬ | ୪୫୭୦.୨୬ |
| ରାଜ୍ୟ କାମ୍ପା | ୩୯୩୦.୦୦ | ୨୩୭୫.୦୦ | ୧୭୪୨.୯୫ | ୮୦୪୭.୯୫ |
| **ମୋଟ** | **୫୭୪୫.୦୦** | **୩୯୯୯.୮୦** | **୨୮୭୩.୪୧** | **୧୨୬୧୮.୨୧** |

# ଅଧ୍ୟାୟ ୧୨

## ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

### ୧୨.୧: ଷୋଡଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଅଂଶଗ୍ରହଣ

ଓଡ଼ିଶା ସରକାରଙ୍କ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ୨୦୨୩ ଡିସେମ୍ବର ମାସରେ ଆୟୋଜିତ ୧୬ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଅଂଶଗ୍ରହଣ କରିଥିଲା। ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା ପାରମ୍ପରିକ ହର୍ବାଲ ଏବଂ ଅନ୍ୟାନ୍ୟ ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଏହା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଥିଲା। ଏହାବ୍ୟତୀତ ପ୍ରଦର୍ଶନୀର ଦିନ ସମୟରେ ବିଭିନ୍ନ ପ୍ରସଙ୍ଗରେ ବୈଷୟିକ ଅଧିବେଶନ ଚାଲିଥିଲା। ଏହି କାର୍ଯ୍ୟକ୍ରମ ଆମ ଜଙ୍ଗଲ ଯୋଜନାର ବନ ସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ପାରମ୍ପରିକ ଜଙ୍ଗଲ ଏବଂ ଅନ୍ୟାନ୍ୟ ଉତ୍ପାଦର ପ୍ରଚାର ଏବଂ ବିକ୍ରୟ ପ୍ରସାର ପାଇଁ ସୁଯୋଗ ସୃଷ୍ଟି କରିଥିଲା। ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ଅଞ୍ଚଳର ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ କମିଟି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସର୍ବସାଧାରଣ ପ୍ରଦର୍ଶନ ମାଧ୍ୟମରେ ସେମାନଙ୍କ ଉତ୍ପାଦ, ବ୍ରାଣ୍ଡ ଏବଂ ପରିଚୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସୁଯୋଗକୁ ବ୍ୟବହାର କରିଥିଲେ। ଏହି ଅବସରରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିକୁ ସରକାରୀ ବର୍ଗରେ ଶ୍ରେଷ୍ଠ ଷ୍ଟଲ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହା ଆମ ଜଙ୍ଗଲ ଯୋଜନାର ସମସ୍ତ ଅଂଶୀଦାରଙ୍କ ପାଇଁ ବହୁତ ପ୍ରେରଣାଦାୟକ ଥିଲା।



ଷୋଡଶ କଳିଙ୍ଗ ହର୍ବାଲ ମେଳାର ଉଦ୍‌ଘାଟନ



ଷୋଡଶ କଳିଙ୍ଗ ହର୍ବାଲ ମେଳାରେ ଓଏଫଏସଡ଼ିଏସ ର ଅଂଶଗ୍ରହଣ



ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଦ୍ୱାରା ସରକାରୀ ବର୍ଗରେ ଶ୍ରେଷ୍ଠ ଷ୍ଟଲ ପାଇଁ ପ୍ରଥମ ପୁରସ୍କାର ଗ୍ରହଣ



ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଷ୍ଟଲର ଭିତର ଦୃଶ୍ୟ

## ୧୨.୨: ଆଦିବାସୀ ମେଳା, ୨୦୨୪ରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଅଂଶଗ୍ରହଣ

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ 'ଆଦିବାସୀ ମେଳା' ନାମରେ ପରିଚିତ ଏହି ରାଜ୍ୟସ୍ତରୀୟ ବାର୍ଷିକ ଆଦିବାସୀ ମେଳା ଓଡ଼ିଶାର ଆଦିବାସୀ ଓ ସହରାଞ୍ଚଳବାସୀଙ୍କ ମଧ୍ୟରେ ସାମାଜିକ-ସାଂସ୍କୃତିକ ସମନ୍ୱୟ ପାଇଁ ଏକ ନିଆରା କାର୍ଯ୍ୟକ୍ରମ। ଏହା ଓଡ଼ିଶାର ଅନ୍ୟତମ ପୁରାତନ ଓ ସ୍ୱତନ୍ତ୍ର ପର୍ବ ଯାହା ଗ୍ରାମାଞ୍ଚଳ, ବିଶେଷ କରି ଆଦିବାସୀ ଓ ସହରାଞ୍ଚଳବାସୀଙ୍କ ମଧ୍ୟରେ କଳା, ସଂସ୍କୃତି, ପରମ୍ପରା, ହସ୍ତଶିଳ୍ପ ଏବଂ ଅର୍ଥନୈତିକ ଆଦାନ ପ୍ରଦାନକୁ ପ୍ରଦର୍ଶିତ କରିଥାଏ।

୨୬ ଜାନୁଆରୀ ୨୦୨୪ ରୁ ୪ ଫେବୃଆରୀ ୨୦୨୪ ପର୍ଯ୍ୟନ୍ତ ଆୟୋଜିତ ଆଦିବାସୀ ମେଳା-୨୦୨୪ରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଅଂଶଗ୍ରହଣ କରିଥିଲା। ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ପ୍ରକଳ୍ପ ଅଞ୍ଚଳର ବନ ସୁରକ୍ଷା ସମିତି, ଇଡିସି ଓ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସେମାନଙ୍କ ସଫଳତାର କୃତିକୁ ପ୍ରଦର୍ଶନ କରିବା ସହ ଏହି ସୁଯୋଗକୁ ସେମାନଙ୍କ ଉତ୍ପାଦର ପ୍ରଚାର ପ୍ରସାର ପାଇଁ ବ୍ୟବହାର କରିଥିଲେ। ବିଭିନ୍ନ ସାମଗ୍ରୀର ଉତ୍ପାଦ ଭିତ୍ତିକ ପ୍ରଦର୍ଶନ ଅନେକ ଗବେଷକ ଏବଂ ବିପଣନ ସଂସ୍ଥାମାନଙ୍କୁ ଆକର୍ଷିତ କରିଥିଲା, ଯାହା ଭବିଷ୍ୟତରେ ବ୍ୟବସାୟ ପାଇଁ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଅଂଶୀଦାରମାନଙ୍କ ପାଇଁ ସହାୟକ ହୋଇପାରେ।

ଏହା ବ୍ୟତୀତ ଏହି ମେଳାରେ ଆମ ଜଙ୍ଗଲ ଯୋଜନାର ସାତ ଗୋଟି ବନ ସୁରକ୍ଷା ସମିତି ଅଂଶଗ୍ରହଣ କରି ୫.୨ ଲକ୍ଷ ଟଙ୍କାର ଜଙ୍ଗଲ ଓ ଅନ୍ୟାନ୍ୟ ଉତ୍ପାଦର ବ୍ୟବସାୟ କରିଛନ୍ତି।






ଆଦିବାସୀ ମେଳା, ୨୦୨୪ରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଅଂଶଗ୍ରହଣ. ଉପ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଯଶୋବନ୍ତ ବେରିହା, ଓଏଫଏସ ଙ୍କ ଦ୍ୱାରା ଷ୍ଟଲ ଉଦ୍ଘାଟନ





ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଷ୍ଟଲରେ ଉତ୍ପାଦ ଗୁଡିକର ପ୍ରଦର୍ଶନ

# ଅଧ୍ୟାୟ ୧୩

## ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆମ ଜଙ୍ଗଲ ଯୋଜନାର କାର୍ଯ୍ୟ ଯୋଜନା (ଆକ୍ସନ ପ୍ଲାନ)

୨୦୨୩-୨୪ ବର୍ଷରେ ବନ ସୁରକ୍ଷା ସମିତି (VSS) ଜରିଆରେ ରାଜ୍ୟର ୨୨ଟି ବନଖଣ୍ଡ ଓ ବନ୍ୟପ୍ରାଣୀ ବନଖଣ୍ଡରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେଉଛି। ବିଗତ ବର୍ଷ ମାନଙ୍କରେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ୧୮ଗୋଟି ବନଖଣ୍ଡରେ ସହାୟକ ମୂଳକ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ (ବୃକ୍ଷରୋପଣ ସହିତ) କରାଯାଇଥିଲା, ଏହା ବ୍ୟତୀତ ୨୨ଟି ବନଖଣ୍ଡରେ ବୃକ୍ଷରୋପଣ ବିନା ସହାୟକ ପ୍ରାକୃତିକ ପୁନର୍ଜ୍ଜନନ କାର୍ଯ୍ୟ କରାଯାଇଥିଲା। ୪୪୫ଟି ସହାୟକ ପ୍ରାକୃତିକ ପୁନର୍ଜ୍ଜନନ ସ୍ଥଳରେ ଦେଶୀ ପ୍ରଜାତିର ପ୍ରାୟ ୩୯,୯୫,୦୦୦ ସଂଖ୍ୟକ ଚାରା ରୋପଣ କରାଯାଇଥିଲା। ଆଗାମୀ ଆର୍ଥିକ ବର୍ଷ (୨୦୨୪-୨୫)ରେ ଆମ ଜଙ୍ଗଲ ଯୋଜନା ଅଧୀନରେ କେବଳ ସହାୟକ ପ୍ରାକୃତିକ ପୁନର୍ଜ୍ଜନନ ସ୍ଥଳ ଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ କରିବାକୁ ଯୋଜନା କରାଯାଇଛି। ୨୦୨୪-୨୫ ବର୍ଷ ପାଇଁ ଆମ ଜଙ୍ଗଲ ଯୋଜନା ଅଧୀନରେ ପୁରତାନ ବୃକ୍ଷରୋପଣର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ବନଖଣ୍ଡଭିତ୍ତିକ ପ୍ରସ୍ତାବ ସାରଣୀ ନଂ-୧୩.୧ରେ ଦିଆଯାଇଛି ଏବଂ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ଅଧୀନରେ ଆମ ଜଙ୍ଗଲ ଯୋଜନାର ପରିଚାଳନାଗତ ଖର୍ଚ୍ଚ ପ୍ରସ୍ତାବ ସାରଣୀ ନଂ. ୧୩. ୨ରେ ଦିଆଯାଇଛି।

**ସାରଣୀ ନଂ-୧୩.୧: ୨୦୨୪-୨୫ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନା ଅଧୀନରେ ପୁରାତନ ବୃକ୍ଷରୋପଣର ରକ୍ଷଣାବେକ୍ଷଣ ପାଇଁ ବନଖଣ୍ଡଭିତ୍ତିକ ଆବଣ୍ଟନ (ପ୍ରସ୍ତାବ)**

| କ୍ର. ନଂ | ବନଖଣ୍ଡର ନାମ | ବୃକ୍ଷ ରୋପଣ ସହିତ ସହାୟକ ପ୍ରାକୃତିକ ପୁନର୍ଜ୍ଜନନ (୪ର୍ଥ ବର୍ଷ ରକ୍ଷଣାବେକ୍ଷଣ) (ହେକ୍ଟର ପ୍ରତି ଟ. ୭୦୮୭.୫୦) | | ବୃକ୍ଷ ରୋପଣ ବିନା ସହାୟକ ପ୍ରାକୃତିକ ପୁନର୍ଜ୍ଜନନ (୪ର୍ଥ ବର୍ଷ ରକ୍ଷଣାବେକ୍ଷଣ) (ହେକ୍ଟର ପ୍ରତି ଟ. ୧୪୫୦.୦୦) | | ମୋଟ ଅର୍ଥ ବରାଦ |
|---|---|---|---|---|---|---|
| | | ଭୌତିକ (ଏକକ – ହେକ୍ଟର/ ଭିଏସଏସ) | ଆର୍ଥିକ (ଟଙ୍କାରେ) | ଭୌତିକ (ଏକକ – ହେକ୍ଟର/ ଭିଏସଏସ) | ଆର୍ଥିକ (ଟଙ୍କାରେ) | |
| ୧ | ବଣାଇ | – | – | ୬୮୨ | ୯,୮୮,୯୦୦ | ୯,୮୮,୯୦୦ |
| ୨ | ଦେଓଗଡ | ୫୫୦ | ୩୮,୯୮,୧୨୫ | ୫୫୦ | ୭,୯୭,୫୦୦ | ୪୬,୯୫,୬୨୫ |
| ୩ | ଜୟପୁର | ୧୭୫୦ | ୧,୨୪,୦୩,୧୨୫ | ୧୭୫୦ | ୨୫,୩୭,୫୦୦ | ୧,୪୯,୪୦,୬୨୫ |
| ୪ | କେଉଁଝର | ୬୦୦ | ୪୨,୫୨,୫୦୦ | ୬୫୦ | ୯,୪୨,୫୦୦ | ୫୧,୯୫,୦୦୦ |
| ୫ | ପାରଳାଖେମୁଣ୍ଡି | ୫୦୦ | ୩୫,୪୩,୭୫୦ | ୫୦୦ | ୭,୨୫,୦୦୦ | ୪୨,୬୮,୭୫୦ |
| ୬ | ରାଉରକେଲା | ୬୭୫ | ୪୭,୮୪,୦୬୩ | ୭୩୫ | ୧୦,୬୫,୭୫୦ | ୫୮,୪୯,୮୧୩ |
| ୭ | ଅନୁଗୁଳ | – | – | ୩୭୫ | ୫,୪୩,୭୫୦ | ୫,୪୩,୭୫୦ |
| ୮ | ବାଲେଶ୍ୱର ବନ୍ୟପ୍ରାଣୀ | – | – | ୫୦ | ୭୨,୫୦୦ | ୭୨,୫୦୦ |
| ୯ | ଫୁଲବାଣୀ | ୧୬୦୦ | ୧,୧୩,୪୦,୦୦୦ | ୧୫୬୦ | ୨୨,୬୨,୦୦୦ | ୧,୩୬,୦୨,୦୦୦ |
| ୧୦ | ବାଲିଗୁଡା | ୧୦୦୦ | ୭୦,୮୭,୫୦୦ | ୧୦୦୦ | ୧୪,୫୦,୦୦୦ | ୮୫,୩୭,୫୦୦ |
| ୧୧ | କୋରାପୁଟ | ୨୧୦୦ | ୧,୪୮,୮୩,୭୫୦ | ୨୪୦୦ | ୩୪,୮୦,୦୦୦ | ୧,୮୩,୬୩,୭୫୦ |
| ୧୨ | ରାୟଗଡା | ୨୨୦୦ | ୧,୫୫,୯୨,୫୦୦ | ୨୫୪୫ | ୩୬,୯୦,୨୫୦ | ୧,୯୨,୮୨,୭୫୦ |
| ୧୩ | ବଲାଙ୍ଗୀର | ୧୦୦୦ | ୭୦,୮୭,୫୦୦ | ୧୦୦୦ | ୧୪,୫୦,୦୦୦ | ୮୫,୩୭,୫୦୦ |
| ୧୪ | କଳାହାଣ୍ଡି (ଉତ୍ତର) | ୧୯୫୦ | ୧,୩୮,୨୦,୬୨୫ | ୨୨୦୦ | ୩୧,୯୦,୦୦୦ | ୧,୭୦,୧୦,୬୨୫ |

| | | | | | | |
|---|---|---|---|---|---|---|
| ୧୫ | ଖରିଆର | ୬୦୦ | ୪୨,୫୨,୫୦୦ | ୬୨୦ | ୮,୯୯,୦୦୦ | ୫୧,୫୧,୫୦୦ |
| ୧୬ | ବରଗଡ | - | - | ୪୦୦ | ୫,୮୦,୦୦୦ | ୫,୮୦,୦୦୦ |
| ୧୭ | ବାମରା ବନ୍ୟପ୍ରାଣୀ | ୬୦୦ | ୪୨,୫୨,୫୦୦ | ୬୯୫ | ୧୦,୦୭,୭୫୦ | ୫୨,୬୦,୨୫୦ |
| ୧୮ | କେଉଁଝର ବନ୍ୟପ୍ରାଣୀ | ୭୦୦ | ୪୯,୬୧,୨୫୦ | ୮୦୦ | ୧୧,୬୦,୦୦୦ | ୬୧,୨୧,୨୫୦ |
| ୧୯ | ମାଲକାନ ।ଗିରି | ୭୫୦ | ୫୩,୧୫,୬୨୫ | ୭୫୦ | ୧୦,୮୭,୫୦୦ | ୬୪,୦୩,୧୨୫ |
| ୨୦ | କଳାହାଣ୍ଡି (ଦକ୍ଷିଣ) | ୨୦୦୦ | ୧,୪୧,୭୫,୦୦୦ | ୨୨୦୦ | ୩୧,୯୦,୦୦୦ | ୧,୭୩,୬୫,୦୦୦ |
| ୨୧ | ନବରଙ୍ଗପୁର | ୮୫୦ | ୬୦,୨୪,୩୭୫ | ୮୫୦ | ୧୨,୩୨,୫୦୦ | ୭୨,୫୬,୮୭୫ |
| ୨୨ | ରେଢ଼ାଖୋଲ | ୫୦୦ | ୩୫,୪୩,୭୫୦ | ୫୦୦ | ୭,୨୫,୦୦୦ | ୪୨,୬୮,୭୫୦ |
| | **ମୋଟ** | **୧୯୯୨୫** | **୧୪,୧୨,୧୮,୪୩୮** | **୨୨୮୧୨** | **୩,୩୦,୭୭,୪୦୦** | **୧୭,୪୨,୯୫,୮୩୮** |

## ସାରଣୀ ନଂ.୧୩.୨: ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ଅଧୀନରେ ଆମ ଜଙ୍ଗଲ ଯୋଜନାର ୨୦୨୪-୨୫ ଆର୍ଥିକ ବର୍ଷରେ ପରିଚାଳନାଗତ ଖର୍ଚ୍ଚ ପ୍ରସ୍ତାବ

| କ୍ର.ସଂ | ପ୍ରକଳ୍ପ କାର୍ଯ୍ୟକ୍ରମ | ଏକକ | ଏକକ ପ୍ରତି ଖର୍ଚ୍ଚ (ଟଙ୍କାରେ) | ଏକକ ସଂଖ୍ୟା/ ବନ ସୁରକ୍ଷା ସମିତି ସଂଖ୍ୟା | ମୋଟ ଖର୍ଚ୍ଚ (ଲକ୍ଷ ଟଙ୍କାରେ) | ମନ୍ତବ୍ୟ |
|---|---|---|---|---|---|---|
| କ | ବନ ସୁରକ୍ଷା ସମିତି ଗୃହ ତଥା ରୋଜଗାର ସୁବିଧା କେନ୍ଦ୍ର (ଗୃହ ପ୍ରତି ୫.୧୫ ଲକ୍ଷ ଟଙ୍କା ) | | ୫୧୫୦୦୦ | ୫୦ | ୨୫୭.୫୦ | |
| ଖ | ସହାୟକ କାର୍ଯ୍ୟକ୍ରମ | | | | | |
| ୧ | ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କୁ ସହାୟତା (୪ ବର୍ଷ ପାଇଁ) ଅ ଦଳ ପ୍ରତି ବର୍ଷକୁ ୬.୭୨ ଲକ୍ଷ ଟଙ୍କା | LS | ୬୭୨୦୦୦ | ୪୪ | ୨୯୫.୬୮ | Wage Component |
| ୨ | ବନଖଣ୍ଡ ସ୍ତରୀୟ ସହାୟକ ଦଳ (AJY ସଂଯୋଜକ) @ Rs. ୩୦,୦୦୦/- per month for 12 months | LS | ୩୬୦୦୦୦ | ୨୨ | ୭୯.୨୦ | Wage Component |
| ୩ | ଡାଟା ଏଣ୍ଟ୍ରି ଅପରେଟର -DEO (Accounts) Salary @ Rs. 19,500/- per month for 12 months | LS | ୨୩୪୦୦୦ | ୨୨ | ୫୧.୪୮ | Wage Component |
| ୪ | ଡାଟା ଏଣ୍ଟ୍ରି ଅପରେଟର -DEO Salary (12 Months) | LS | ୧୯୮୦୦୦ | ୧୨୨ | ୨୪୧.୯୨ | Wage Component |
| ୫ | ଆନିମେଟରଙ୍କ ପାରିଶ୍ରମିକ @01 Animator per VSS (Fixed Remuneration of Rs. 1000/- p.m.) | VSS | ୧୨୦୦୦ | ୮୮୫ | ୧୦୬.୨୦ | Wage Component |
| | **ମୋଟ** | | | | **୭୭୪.୪୮** | |
| **ଗ** | **ପରିଚାଳନା ଗତ ଖର୍ଚ୍ଚ** | | | | | |
| ୧ | ଯାତାୟାତ ଖର୍ଚ୍ଚ | LS | ୪୦୦୦୦ | ୨୨ | ୮.୮୦ | |
| ୨ | ଗସ୍ତ ଖର୍ଚ୍ଚ | LS | ୪୦୦୦୦ | ୨୨ | ୮.୮୦ | |
| ୩ | ପ୍ରକଳ୍ପ ପରିଚାଳନା ଏକକର ପରିଚାଳନା ଖର୍ଚ୍ଚ | LS | ୪୪୮୮୦୦୦ | ୧ | ୪୪.୮୮ | |
| ୪ | କାର୍ଯ୍ୟାଳୟ ପରିଚାଳନା ଖର୍ଚ୍ଚ (DMU/FMU) | (DMU/FMU) | ୫୦୦୦ | ୨୨ | ୧୧.୦୦ | |
| | ମୋଟ | | | | ୭୩.୪୮ | |
| ଘ | ଅନ୍ତରୀଣ ମୂଲ୍ୟାୟନ | LS | | ୧ | ୨୫.୦୦ | |
| | **ସର୍ବ ମୋଟ (କ+ଖ+ଗ+ଘ)** | | | | **୧,୧୩୦.୪୬** | |

# ଅଧ୍ୟାୟ ୧୪

## ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନାର କାର୍ଯ୍ୟନିର୍ବାହୀ ଦଳ

୨୦୨୩-୨୪ ବର୍ଷରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ପ୍ରକଳ୍ପ ପରିଚାଳନା ଏକକ, ବନ ମଣ୍ଡଳ ଏବଂ ବନଖଣ୍ଡୀୟ ପରିଚାଳନା ଏକକରେ ନିମ୍ନଲିଖିତ କର୍ମଚାରୀମାନେ କାର୍ଯ୍ୟ ନିର୍ବାହ କରୁଥିଲେ:

**୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ପ୍ରକଳ୍ପ ପରିଚାଳନା କାର୍ଯ୍ୟ ନିର୍ବାହୀ ଅଧିକାରୀ**

| ନାମ | ପଦବୀ |
|---|---|
| ଡକ୍ଟର (ଶ୍ରୀମତୀ) ମିତା ବିଶ୍ୱାଳ, ଭା.ବ.ସେ | ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶିକା, ଓଡିଶା ବନାଞ୍ଚଳ ଉନ୍ନୟନ ସମିତି |
| ଶ୍ରୀ ଯଶୋବନ୍ତ ବେରିହା, ଓ.ବ.ସେ-୧ (ଏସ.ଏ.ଜି) | ଉପ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ ଓ ଅର୍ଥ), ଓଡିଶା ବନାଞ୍ଚଳ ଉନ୍ନୟନ ସମିତି |
| ଶ୍ରୀ ବଂଶୀଧର ସ୍ୱାଇଁ | ବିଷୟ ବସ୍ତୁ ବିଶେଷଜ୍ଞ (କାର୍ଯ୍ୟ ସମ୍ପାଦନ, ଅନୁଧ୍ୟାନ ଓ ମୂଲ୍ୟାୟନ) |
| ଶ୍ରୀ ବିଜୟରାମ ସେନାପତି | ବିଷୟ ବସ୍ତୁ ବିଶେଷଜ୍ଞ (ତାଲିମ, ପ୍ରସାର, ଆନ୍ତଃ-ବିଭାଗୀୟ ସଂଯୋଗୀକରଣ ଓ ଜୀବିକା ଉନ୍ନୟନ) |

**ବନ ମଣ୍ଡଳ ଏବଂ ବନଖଣ୍ଡୀୟ ପରିଚାଳନା ଏକକର କାର୍ଯ୍ୟ ନିର୍ବାହୀ ଅଧିକାରୀ:**

| ଆଞ୍ଚଳିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନଖଣ୍ଡ ଅଧିକାରୀଙ୍କ ନାମ | ବନ ମଣ୍ଡଳ/ବନଖଣ୍ଡ | ଦୁରଭାଷ | ଇ-ମେଲ ଠିକଣା |
|---|---|---|---|
| ଡକ୍ଟର ଅରୁଣ କୁମାର ମିଶ୍ର, ଭା.ବ.ସେ | ଆଞ୍ଚଳିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ରାଉରକେଲା | ୦୬୬୧-୨୬୬୪୩୨୪ | rccfrourkela@gmail.com |
| ଶ୍ରୀ ଯଶୋବନ୍ତ ସେଠୀ, ଓ.ବ.ସେ-୧ (ଏସ. ବି.) | ରାଉରକେଲା | ୦୬୬୧-୨୬୬୪୬୩୭ | dfo.rourkela@odisha.gov.in |
| ଶ୍ରୀ ଲଳିତ କୁମାର ପାତ୍ର, ଭା.ବ.ସେ | ବଣାଇ | ୦୬୬୨୬-୨୪୪୪୩୪ | dfo.bonai@odisha.gov.in |
| ଶ୍ରୀ ମଗର ଧନଜୀ ରାଓସୋ, ଭା.ବ.ସେ | ଦେଓଗଡ଼ | ୦୬୬୪୧-୨୨୬୪୦୩ | dfo.deogarh@odisha.gov.in |
| ଶ୍ରୀ ଧାମଧ୍ୱର ଡି. ହନୁମନ୍ତ, ଭା.ବ.ସେ | କେଉଁଝର | ୦୬୭୬୬-୨୫୪୩୧୫ | dfo.keonjhar@odisha.gov.in |
| ଶ୍ରୀ ପ୍ରସନ୍ନ କୁମାର ବେହେରା, ଭା.ବ.ସେ | ଆଞ୍ଚଳିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, କୋରାପୁଟ | ୦୬୮୫୨-୨୯୬୩୨୪ | rccfkoraput@gmail.com |
| ଶ୍ରୀ କେ.ଭି. ଭାସ୍କର ରାଓ, ଓ.ବ.ସେ-୧ (ଏସ. ବି.) | କୋରାପୁଟ | ୦୬୮୫୨-୨୯୬୧୯୪ | koraputdivision@gmail.com |
| ଶ୍ରୀ ପ୍ରତାପ କୁମାର ବେହେରା, ଓ.ବ.ସେ-୧ (ଏସ. ଟି.ଏସ.) | ଜୟପୁର | ୦୬୮୫୪-୨୫୧୧୪୭ | dfo_jeypore@yahoo.co.in |
| ଶ୍ରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଓ.ବ.ସେ-୧ (ଏସ. ବି.) | ନବରଙ୍ଗପୁର | ୦୬୮୫୮-୨୨୨୦୧୪ | dfo.ngpur@yahoo.co.in |

| | | | |
|---|---|---|---|
| ଶ୍ରୀ ବିଜୟ କୁମାର ପରିଡ଼ା, ଓ.ବ.ସେ-୧ (ଏସ.ବି.) | ରାୟଗଡ଼ା | ୦୬୮୫୬-୨୨୨୦୫୬ | dforgda17@gmail.com |
| ଶ୍ରୀ ପ୍ରତାପ କୋଟାପଲ୍ଲୀ, ଭା.ବ.ସେ | ମାଲକାନଗିରି | ୦୬୮୬୧-୨୩୧୩୫୩ | dfo_malkangiri@yahoo.co.in |
| ଶ୍ରୀ ସୁଧାଂଶୁ ଶେଖର ଖୋରା, ଭା.ବ.ସେ | ଆଞ୍ଚଳିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଅନଗୁଳ | ଡ୬୭୬୪-୨୯୬୦୧୦ | rccfangul@gmail.com |
| ଶ୍ରୀ ବିବେକ କୁମାର, ଭା.ବ.ସେ | ଅନଗୁଳ | ୦୬୭୬୪-୨୩୦୩୨୨ | dfo.angul@odisha.gov.in |
| ଶ୍ରୀ ସରୋଜ କୁମାର ପଣ୍ଡା, ଓ.ବ.ସେ-୧ (ଏସ. ବି.) | ସାତକୋଶିଆ ବନ୍ୟପ୍ରାଣୀ | ୦୬୭୬୪-୨୩୬୨୧୮ | dfo.satkosiawl@odisha.gov.in |
| ଶ୍ରୀ ସଞ୍ଜୟ କୁମାର ସ୍ୱାଇଁ, ଭା.ବ.ସେ | ଆଞ୍ଚଳିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ବ୍ରହ୍ମପୁର | ଡ୬୮୦-୨୨୮୧୬୯୪ | rccfberhampur@gmail.com |
| ଶ୍ରୀ ପ୍ରଶାନ୍ତ ପଟେଲ, ଭା.ବ.ସେ | ଫୁଲବାଣୀ | ୦୬୮୪୨-୨୫୩୬୧୭ | dfo_phulbani@yahoo.co.in |
| ଶ୍ରୀ ବିଶ୍ୱରାଜ ପଣ୍ଡା , ଓ.ବ.ସେ-୧ (ଏସ. ବି.) | ବାଲିଗୁଡ଼ା | ୦୬୮୪୬-୨୪୩୨୪୯ | dfo_balliguda@yahoo.co.in |
| ଶ୍ରୀ ଆନନ୍ଦ ଏସ., ଭା.ବ.ସେ | ପାରଳାଖେମୁଣ୍ଡି | ୦୬୮୧୫-୨୨୨୨୧୪ | dfo_pkd@yahoo.com |
| ଡକ୍ଟର ଟି. ଅଶୋକ କୁମାର, ଭା.ବ.ସେ | ଆଞ୍ଚଳିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ସମ୍ବଲପୁର | ଡ୬୬୩-୨୯୫୦୧୭୩ | rccf.sbp01@gmail.com |
| ଶ୍ରୀ ସମୀର କୁମାର ସାହୁ, ଓ.ବ.ସେ-୧ (ଏସ. ବି.) | ବାମରା ବନ୍ୟପ୍ରାଣୀ | ୦୬୬୪୨-୨୨୯୨୧୧ | dfobmbwl004@gmail.com |
| ଶ୍ରୀ ବିଶ୍ୱନାଥ ନୀଳନବର, ଭା.ବ.ସେ | ବରଗଡ଼ | ୦୬୬୪୬-୨୩୨୮୩୦ | dfo.bgh@gmail.com |
| ଶ୍ରୀ ଅରବିନ୍ଦ ମହାନ୍ତି, ଓ.ବ.ସେ-୧ (ଏସ. ବି.) | ରେଢ଼ାଖୋଲ | ୦୬୬୪୪-୨୫୩୦୦୪ | dfo.rairakhol@yahoo.com |
| ଶ୍ରୀ ଅଶ୍ୱିନୀ କୁମାର କର, ଭା.ବ.ସେ | ଆଞ୍ଚଳିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଭବାନୀପାଟଣା | ଡ୬୬୭୦-୨୩୧୭୦୯ | rccfbhpt010@gmail.com |
| ଶ୍ରୀ କାଲାଇବାରଣ ଆର. ଭା.ବ.ସେ | କଳାହାଣ୍ଡି (ଦକ୍ଷିଣ) | ୦୬୬୭୦-୨୩୦୨୬୮ | dfoklds6@gmail.com |
| ଶ୍ରୀ ଅନୁରାଗ ମିଶ୍ର, ଭା.ବ.ସେ | କଳାହାଣ୍ଡି (ଉତ୍ତର) | ୦୬୬୭୦-୨୩୦୫୨୬ | dfokalahandinorth2003@gmail.com |
| ଶ୍ରୀ ନିତୀଶ କୁମାର, ଭା.ବ.ସେ | ବଲାଙ୍ଗୀର | ୦୬୬୫୨-୨୩୨୯୪୮ | dfobalangir@gmail.com |
| ଶ୍ରୀ ସୁଶୀଲ କୁମାର ତ୍ରିପାଠୀ, ଓ.ବ.ସେ-୧ (ଏସ. ବି.) | ଖରିଆର | ୦୬୬୭୧-୨୨୪୨୩୭ | dfokhariar@gmail.com |
| ଶ୍ରୀ ପ୍ରକାଶ ଚନ୍ଦ୍ର ଗୋଗିନେନୀ, ଭା.ବ.ସେ | ଆଞ୍ଚଳିକ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ବାରିପଦା | ୦୬୭୯୨-୨୫୨୫୯୩ | rccfbaripada@gmail.com |
| ଶ୍ରୀ ଖୁସବନ୍ତ ସିଂ, ଭା.ବ.ସେ | ବାଲେଶ୍ୱର ବନ୍ୟପ୍ରାଣୀ | ୦୬୭୮୨-୨୫୬୧୪୨ | dfowildlifebalasore@gmail.com |
| ଶ୍ରୀ ଅଭୟ କୁମାର ଦଳେଇ, ଓ.ବ.ସେ-୧ (ଏସ. ବି.) | କେଉଁଝର ବନ୍ୟପ୍ରାଣୀ | ୦୬୭୩୧-୨୨୦୩୨୨ | dfowl_andpur@rediffmail.com |

# ଅଧ୍ୟାୟ ୧୫

## ବନଖଣ୍ଡୀୟ ପରିଚାଳନା ଏକକ (ଡିଭିଜନାଲ ମ୍ୟାନେଜମେଣ୍ଟ ୟୁନିଟ) ଗୁଡିକୁ ସହାୟତା ସେବା

୨୦୧୬-୧୭ରୁ ୨୦୨୧-୨୨ ମଧ୍ୟରେ ଓଡ଼ିଶାର ୧୬ଟି ଜିଲ୍ଲା ମଧ୍ୟରେ ଅବସ୍ଥିତ ୨୩ଟି ଟେରିଟୋରିଆଲ ଓ ବନ୍ୟପ୍ରାଣୀ ବନଖଣ୍ଡରେ ୪,୬୦୧ ବନ ସୁରକ୍ଷା ସମିତି ଅଧୀନରେ ୨,୩୦,୫୨୩ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ ଜଙ୍ଗଲରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେଉଛି। ଉପରୋକ୍ତ ବନ ସୁରକ୍ଷା ସମିତି ଅନ୍ତର୍ଗତ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG)ଙ୍କୁ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ (IGA) ପାଇଁ ସୁବିଧା ଯୋଗାଇ ଦିଆଯାଉଛି। ଜୀବିକା ସହାୟତା ଉପରେ ଗୁରୁତ୍ୱ ଦେଇ ଗୋଷ୍ଠୀ ସଂଚାଳନ ଏହି କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ। ତେଣୁ ଏହି ଯୋଜନାର ସଫଳ ରୂପାୟନ ପାଇଁ ଏହି ଯୋଜନାରେ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବନଖଣ୍ଡୀୟ ସହାୟକ ଦଳ ଓ ଆନିମେଟରମାନଙ୍କୁ ନିୟୋଜିତ କରିବାର ବ୍ୟବସ୍ଥା କରାଯାଇଛି।

### ୧୫.୧ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିୟୋଜନ

ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନ ସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀସହ ସମନ୍ୱୟ ରକ୍ଷା କରିବା, ସେମାନଙ୍କର ଦକ୍ଷତା ବୃଦ୍ଧି ଏବଂ ବିଭିନ୍ନ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବାରେ ସହାୟକ ହେବା ପାଇଁ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନାମକ ସ୍ଥାନୀୟ ବେସରକାରୀ ସଂଗଠନ ନିୟୋଜିତ ଅଛନ୍ତି। ଆମ ଜଙ୍ଗଲ ଯୋଜନା ଅଧୀନରେ ଆୟ ସୃଷ୍ଟି କାର୍ଯ୍ୟକଳାପ ଏବଂ ଜୀବିକା ପ୍ରୋତ୍ସାହନ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ବନ ସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଗ୍ରାମୀଣ ସମୁଦାୟ ପାଇଁ ଜୀବିକାଭିତ୍ତିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ସହାୟତା ପ୍ରଦାନ କରି ବନଖଣ୍ଡର କାର୍ଯ୍ୟକୁ ସହାୟତା କରନ୍ତି। ନିରନ୍ତର ଜଙ୍ଗଲ ପରିଚାଳନାରେ ସ୍ଥାନୀୟ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣ ତଥା ଜଙ୍ଗଲ ସୀମାନ୍ତ ଗ୍ରାମଗୁଡ଼ିକର ସାମାଜିକ ଅର୍ଥନୈତିକ ସ୍ଥିତିରେ ଉନ୍ନତିକୁ ଦୃଷ୍ଟିରେ ରଖି ଆମ ଜଙ୍ଗଲ ଯୋଜନା ଏହାର ଉଦ୍ଦେଶ୍ୟକୁ ସୁରୁଖୁରୁରେ ଏବଂ ପ୍ରଭାବଶାଳୀ ଭାବରେ ହାସଲ କରିବା ପାଇଁ ସହଭାଗୀ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସହିତ ହାତ ମିଳାଇଛି।

୨୦୨୩-୨୪ ବର୍ଷରେ ୧୫ଗୋଟି ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋଷ୍ଠୀ ସଚେତନତା ଏବଂ ଜୀବିକା ପ୍ରୋତ୍ସାହନ ନିମିତ୍ତ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ନିୟୋଜିତ ହୋଇଛନ୍ତି।

#### ୧୫.୧.୧ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା

ଭାଗିଦାରୀତା ମାର୍ଗଦର୍ଶିକାରେ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦଳଗୁଡ଼ିକର ନିମ୍ନଲିଖିତ ଭୂମିକା ରହିଅଛି :

- ଆମ ଜଙ୍ଗଲ ଯୋଜନାର ଅଧୀନରେ ଆଣିବା ପାଇଁ ବନ ସୁରକ୍ଷା ସମିତିର ଗଠନ/ପୁନର୍ଗଠନ।
- ସ୍ଥିରୀକୃତ ବନ ସୁରକ୍ଷା ସମିତିର ସହଭାଗୀ ଗ୍ରାମୀଣ ଅବଧାରଣ ଏବଂ ଅଣୁଯୋଜନା ପ୍ରସ୍ତୁତିକୁ ସୁଗମ କରିବା
- ସ୍ୱୟଂ ସହାୟକ ଗୋଷ୍ଠୀ ଚିହ୍ନଟ/ଚୟନ ଏବଂ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଏବଂ କ୍ଷୁଦ୍ର ଉଦ୍ୟୋଗ ବିକାଶ ପାଇଁ ବ୍ୟବସାୟ ଯୋଜନା ପ୍ରସ୍ତୁତ କରିବାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସହାୟତା କରିବା।
- ସ୍ଥାନୀୟ ସମ୍ପ୍ରଦାୟର ସଚେତନତା ଏବଂ ସେମାନଙ୍କର ଦକ୍ଷତା ବିକାଶ।
- ବନ ସୁରକ୍ଷା ସମିତି ସଦସ୍ୟ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ।
- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଉପଲବ୍ଧ ଆର୍ଥିକ ଅନୁଷ୍ଠାନ ଗୁଡ଼ିକ ସହିତ ସମନ୍ୱୟ ମାଧ୍ୟମରେ ଋଣ ସଂଯୋଗ/ ଅନୁଦାନ ସହାୟତାର ବ୍ୟବସ୍ଥା।
- ସ୍ୱୟଂ ସହାୟକ ଗୋଷ୍ଠୀ/ଉତ୍ପାଦ କ୍ଲଷ୍ଟରଗୁଡିକୁ ସେମାନଙ୍କ ଉତ୍ପାଦର ପ୍ରକ୍ରିୟାକରଣ, ପ୍ୟାକେଜିଂ ଏବଂ ବିକ୍ରୟରେ ସହାୟତା ପ୍ରଦାନ କରିବା।
- ଗ୍ରାମରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସରକାରୀ ବିଭାଗ ସହ ସମନ୍ୱୟ ରକ୍ଷା କରିବା।
- ଅଣୁ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକୀୟ କାର୍ଯ୍ୟ।

### ୧୫.୧.୨ ସହଯୋଗୀ ସଂଗଠନ ଭାବରେ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା

୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଜଙ୍ଗଲ ଯୋଜନାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପ ଅନ୍ତର୍ଗତ ୨୨ଟି ବନଖଣ୍ଡରେ ୧୧ଗୋଟି ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସହଯୋଗୀ ସଂଗଠନ ଭାବେ ନିୟୋଜିତ କରାଯାଇଛି। ରେଞ୍ଜ ସ୍ତରରେ ପ୍ରତି ୨୦ଟି ବନ ସୁରକ୍ଷା ସମିତି ପାଇଁ ଜଣେ ଟିମ୍ ଲିଡର୍ ଏବଂ ଦୁଇ ଜଣ ଉନ୍ନୟନ ଅଧିକାରୀ (DO)ଙ୍କୁ ନେଇ ଗଠିତ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ନିୟୋଜିତ ହୋଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ୮୮ଟି ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ଓ ୬ଜଣ ଉନ୍ନୟନ ଅଧିକାରୀଙ୍କୁ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନଖଣ୍ଡରେ ନିୟୋଜିତ କରାଯାଇଛି।

**ସାରଣୀ ୧୫.୧: ୨୦୨୩-୨୪ ଆର୍ଥିକ ବର୍ଷରେ ବନଖଣ୍ଡ ୱାରୀ ନିୟୋଜିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ଏବଂ ଡେଭଲପମେଣ୍ଟ ଅଫିସର (DO)ଙ୍କ ବିବରଣୀ**

| ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ମାଧ୍ୟମରେ ନିୟୋଜିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ | | | |
|---|---|---|---|
| କ୍ରମିକ ନଂ | ବନଖଣ୍ଡର ନାମ | ନିୟୋଜିତ ଟିମ୍ ଏବଂ ଡେଭଲପମେଣ୍ଟ ଅଫିସର ସଂଖ୍ୟା (DO) | ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନାମ |
| ୧ | ବଣାଇ | 1 | SGUP |
| ୨ | ଦେଓଗଡ | 3 | YAVARD |
| ୩ | ଜୟପୁର | 5 | GVS |
| ୪ | ପାରଳାଖେମୁଣ୍ଡି | 3 | LIPICA |
| ୫ | ରାଉରକେଲା | 3+1 DO | SGUP |
| ୬ | କେଉଁଝର | 3 | PRAKALP |
| ୭ | ବାଲେଶ୍ୱର ବନ୍ୟପ୍ରାଣୀ | 1 DO | RDC |
| ୮ | ବାଲିଗୁଡା | 4 | BSS |
| ୯ | କୋରାପୁଟ | 6 | IAEET |
| ୧୦ | ରାୟଗଡା | 6 | IAEET |
| ୧୧ | ଫୁଲବାଣୀ | 7 | PAHAD |
| ୧୨ | ବଲାଙ୍ଗୀର | 6 | Seva Samiti |
| ୧୩ | ଖରିଆର | 5 | IAEET |
| ୧୪ | ବରଗଡ | 2+1 DO | GVS |
| ୧୫ | କେଉଁଝର ବନ୍ୟପ୍ରାଣୀ | 1+1 DO | PRAKALP |
| ୧୬ | ମାଲକାନଗିରି | 5+1 DO | SHRUSTI |
| ୧୭ | କଳାହାଣ୍ଡି (ଦକ୍ଷିଣ) | 10 | SRADHA |
| ୧୮ | କଳାହାଣ୍ଡି (ଉତ୍ତର) | 7 | GVS |
| ୧୯ | ବାମରା ବନ୍ୟପ୍ରାଣୀ | 3 | SIDI |
| ୨୦ | ନବରଙ୍ଗପୁର | 4+1 DO | GVS |
| ୨୧ | ରେଢାଖୋଲ | 4 | SIDI |
| | **Total** | **88+6 DO** | |

**୧୫.୨ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନ ସୁରକ୍ଷା ସମିତିରେ ଆନିମେଟର୍ ନିୟୋଜନ**

ଗୋଷ୍ଠୀ ସଂଚାଳନକୁ ସୁଗମ କରିବା, ବନ ସୁରକ୍ଷା ସମିତି ସହ ଯୋଗାଯୋଗ ସ୍ଥାପନ କରିବା ଏବଂ ନଥିପତ୍ର ରଖିବାରେ ସାହାଯ୍ୟ କରିବା ପାଇଁ ଆନିମେଟରମାନେ ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନ ସୁରକ୍ଷା ସମିତି ଗୁଡ଼ିକରେ ନିୟୋଜିତ ଅଛନ୍ତି। ଗୋଷ୍ଠୀ ସମ୍ପ୍ରଦାୟର ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ନିର୍ଦ୍ଦିଷ୍ଟ ପାରିତୋଷିକ ଦେଇ ବନ ସୁରକ୍ଷା ସମିତି ସ୍ତରରେ ଆନିମେଟର ଭାବରେ ଯୋଗ୍ୟତା ଆଧାରରେ ଚୟନ କରାଯାଇ ନିଯୁକ୍ତି ଦିଆଯାଇଛି। ୨୦୨୪ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ବନ ସୁରକ୍ଷା ସମିତିରେ ମୋଟ ୧୯୬୪ ଜଣ ଆନିମେଟର୍ ନିୟୋଜିତ ହୋଇଛନ୍ତି।

**ସାରଣୀ ୧୫.୨: ବନଖଣ୍ଡ ଓ୍ୱାରୀ ନିୟୋଜିତ ଆନିମେଟରମାନେ (୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ, ଗତ ୩ ବର୍ଷ ମଧ୍ୟରେ)**

| ଆମ ଜଙ୍ଗଲ ଯୋଜନା ରେ ନିୟୋଜିତ ଆନିମେଟର ମାନଙ୍କ ତଥ୍ୟ | | | | | | |
|---|---|---|---|---|---|---|
| କ୍ର. ସଂ. | ବନଖଣ୍ଡର ନାମ | ବନ ସୁରକ୍ଷା ସମିତି ସଂଖ୍ୟା (ବର୍ଷ ୧୮-୧୯) | ବନ ସୁରକ୍ଷା ସମିତି ସଂଖ୍ୟା (ବର୍ଷ ୧୯-୨୦) | ବନ ସୁରକ୍ଷା ସମିତି ସଂଖ୍ୟା (ବର୍ଷ ୨୦-୨୧) | ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ ମୋଟ ବନ ସୁରକ୍ଷା ସମିତି ସଂଖ୍ୟା | ନିୟୋଜିତ ଆନିମେଟରଙ୍କ ସଂଖ୍ୟା |
| ୧ | ବଣାଇ | ୦ | ୦ | ୨୦ | ୨୦ | ୨୦ |
| ୨ | ଦେଓଗଡ | ୨୦ | ୨୦ | ୨୩ | ୬୩ | ୬୩ |
| ୩ | ଜୟପୁର | ୨୦ | ୨୦ | ୭୦ | ୧୧୦ | ୧୧୦ |
| ୪ | ପାରଳାଖେମୁଣ୍ଡି | ୨୦ | ୨୦ | ୨୦ | ୬୦ | ୬୦ |
| ୫ | ରାଉରକେଲା | ୨୦ | ୨୦ | ୩୦ | ୭୦ | ୭୦ |
| ୬ | କେଉଁଝର | ୨୦ | ୨୦ | ୨୫ | ୬୫ | ୬୫ |
| ୭ | ଅନୁଗୁଳ | ୨୦ | ୨୦ | ୮ | ୪୮ | ୪୮ |
| ୮ | ବାଲେଶ୍ୱର ବନ୍ୟପ୍ରାଣୀ | ୦ | ୧୫ | ୨ | ୧୭ | ୧୭ |
| ୯ | ବାଲିଗୁଡା | ୨୦ | ୨୦ | ୪୦ | ୮୦ | ୮୦ |
| ୧୦ | କୋରାପୁଟ | ୨୦ | ୨୦ | ୯୦ | ୧୩୦ | ୧୩୦ |
| ୧୧ | ରାୟଗଡା | ୨୦ | ୧୯ | ୯୦ | ୧୨୯ | ୧୨୯ |
| ୧୨ | ଫୁଲବାଣୀ | ୨୦ | ୪୦ | ୮୨ | ୧୪୨ | ୧୪୨ |
| ୧୩ | ବଲାଙ୍ଗୀର | ୪୦ | ୫୦ | ୪୦ | ୧୩୦ | ୧୩୦ |
| ୧୪ | ଖରିଆର | ୪୦ | ୪୦ | ୨୫ | ୧୦୫ | ୧୦୫ |
| ୧୫ | ବରଗଡ | ୨୦ | ୨୦ | ୧୧ | ୫୧ | ୫୧ |
| ୧୬ | ମାଲକାନଗିରି | ୪୦ | ୪୦ | ୩୦ | ୧୧୦ | ୧୧୦ |
| ୧୭ | କଳାହାଣ୍ଡି (ଦକ୍ଷିଣ) | ୬୦ | ୬୫ | ୮୪ | ୨୦୯ | ୨୦୯ |
| ୧୮ | କଳାହାଣ୍ଡି (ଉତ୍ତର) | ୪୦ | ୩୦ | ୮୪ | ୧୫୪ | ୧୫୪ |
| ୧୯ | ବାମରା ବନ୍ୟପ୍ରାଣୀ | ୨୦ | ୨୦ | ୨୭ | ୬୭ | ୬୭ |
| ୨୦ | କେଉଁଝର ବନ୍ୟପ୍ରାଣୀ | ୦ | ୦ | ୩୦ | ୩୦ | ୩୦ |
| ୨୧ | ନବରଙ୍ଗପୁର | ୪୦ | ୨୦ | ୩୪ | ୯୪ | ୯୪ |
| ୨୨ | ରେଢାଖୋଲ | ୪୦ | ୨୦ | ୨୦ | ୮୦ | ୮୦ |
| | ସର୍ବ ମୋଟ | ୫୪୦ | ୫୩୯ | ୮୮୫ | ୧୯୬୪ | ୧୯୬୪ |

## ୧୫.୩ ବନଖଣ୍ଡ ଗୁଡ଼ିକୁ ବନଖଣ୍ଡିୟ ସହାୟକ ଦଳ (ଡିଭିଜନାଲ ସପୋର୍ଟ ଟିମ୍) ର ବ୍ୟବସ୍ଥା

ବନଖଣ୍ଡ ଏବଂ ବନାଞ୍ଚଳ ସ୍ତରରେ ଏହି ଯୋଜନା କାର୍ଯ୍ୟକାରୀ ହେବା ସମୟରେ ଉପଲବ୍ଧ ହୋଇଥିବା ତଥ୍ୟ ଏବଂ ସୂଚନାର ପରିଚାଳନା ପାଇଁ ଆମ ଜଙ୍ଗଲ ଯୋଜନା ଅଧୀନରେ ଡିଭିଜନାଲ ସପୋର୍ଟ ଟିମ୍ ର ବ୍ୟବସ୍ଥା କରାଯାଇଛି। ବନଖଣ୍ଡ ସ୍ତରରେ ଜଣେ ଆମ ଜଙ୍ଗଲ ଯୋଜନା କୋ-ଅର୍ଡିନେଟର ତଥା ଆକାଉଣ୍ଟ ସହାୟକ ଏବଂ ଜଣେ ଡାଟା ଏଣ୍ଟ୍ରି ଅପରେଟର (Accounts)ଙ୍କୁ ନିୟୋଜିତ କରାଯାଇଛି। ସେହିଭଳି ବନାଞ୍ଚଳ (ରେଞ୍ଜ) ସ୍ତରରେ କ୍ଷେତ୍ରରୁ ତଥ୍ୟ ସଂଗ୍ରହ ଓ ସଂକଳନ ପାଇଁ ଏକ ଡାଟା ଏଣ୍ଟ୍ରି ଅପରେଟର ଯୋଗାଇ ଦିଆଯାଇଛି। ଏହାବ୍ୟତୀତ, ପ୍ରତ୍ୟେକ ଆଞ୍ଚଳିକ ସର୍କଲ ଅଫିସକୁ ଏକ ଡାଟା ଏଣ୍ଟ୍ରି ଅପରେଟର ସହାୟତା ଦିଆ ଯାଇଛି। ଏହି ସମସ୍ତ ସେବା ସ୍ଥାନୀୟ ସେବା ପ୍ରଦାନକାରୀ ସଂସ୍ଥା ମାନଙ୍କ ମାଧ୍ୟମରେ ଦିଆ ଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ (ଆନିମେଟରକୁ ବାଦ୍ ଦେଲେ) ବିଭିନ୍ନ ସ୍ତରରେ ମୋଟ ୪୩୭ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି।

**ସାରଣୀ ୧୫.୩ : ୨୦୨୩-୨୪ ଆର୍ଥିକ ବର୍ଷରେ ନିୟୋଜିତ ସହାୟକ ଦଳର ବିବରଣୀ**

| କ୍ର. ସଂ | ବନଖଣ୍ଡ (DMU) | ବନାଞ୍ଚଳ (FMU) ସଂଖ୍ୟା | AJY ସଂଯୋଜକ | DEO Acct. ସଂଖ୍ୟା | DEO (DMU/ FMU/ Circle) ସଂଖ୍ୟା | ମୋଟ DMU/FMU/ Circle କର୍ମଚାରୀ | P-NGOର ଦଳପତି | P-NGOର ଉନ୍ନୟନ ଅଧିକାରୀ | ମୋଟ ସହାୟକ କର୍ମଚାରୀ |
|---|---|---|---|---|---|---|---|---|---|
| ୧ | ବଣାଇ | ୨ | ୧ | ୧ | ୨ | ୪ | ୧ | ୨ | ୭ |
| ୨ | ଦେଓଗଡ | ୫ | ୧ | ୧ | ୫ | ୭ | ୩ | ୬ | ୧୬ |
| ୩ | ଜୟପୁର | ୬ | ୧ | ୧ | ୬ | ୮ | ୫ | ୧୦ | ୨୩ |
| ୪ | କେଉଁଝର | ୬ | ୧ | ୧ | ୬ | ୮ | ୩ | ୬ | ୧୭ |
| ୫ | ପାରଳାଖେମୁଣ୍ଡି | ୫ | ୧ | ୧ | ୫ | ୭ | ୩ | ୬ | ୧୬ |
| ୬ | ରାଉରକେଲା | ୬ | ୧ | ୧ | ୬ | ୮ | ୩ | ୭ | ୧୮ |
| ୭ | ଅନୁଗୁଳ | ୫ | ୦ | ୧ | ୭ | ୮ | ୦ | ୦ | ୮ |
| ୮ | ବାଲେଶ୍ୱର ବନ୍ୟପ୍ରାଣୀ | ୨ | ୧ | ୧ | ୨ | ୪ | ୦ | ୧ | ୫ |
| ୯ | ଫୁଲବାଣୀ | ୬ | ୧ | ୧ | ୬ | ୮ | ୭ | ୧୪ | ୨୯ |
| ୧୦ | ବାଲିଗୁଡା | ୬ | ୧ | ୧ | ୬ | ୮ | ୪ | ୮ | ୨୦ |
| ୧୧ | କୋରାପୁଟ | ୬ | ୧ | ୧ | ୭ | ୯ | ୬ | ୧୨ | ୨୭ |
| ୧୨ | ରାୟଗଡା | ୭ | ୧ | ୧ | ୭ | ୯ | ୬ | ୧୨ | ୨୭ |
| ୧୩ | ବଲାଙ୍ଗୀର | ୧୧ | ୧ | ୧ | ୧୧ | ୧୩ | ୬ | ୧୨ | ୩୧ |
| ୧୪ | କଳାହାଣ୍ଡି (ଉତ୍ତର) | ୫ | ୧ | ୧ | ୫ | ୭ | ୭ | ୧୪ | ୨୮ |
| ୧୫ | ଖରିଆର | ୫ | ୧ | ୧ | ୫ | ୭ | ୫ | ୧୦ | ୨୨ |
| ୧୬ | ବରଗଡ | ୪ | ୧ | ୧ | ୪ | ୬ | ୨ | ୫ | ୧୩ |
| ୧୭ | ବାମରା ବନ୍ୟପ୍ରାଣୀ | ୪ | ୧ | ୧ | ୪ | ୬ | ୩ | ୬ | ୧୫ |
| ୧୮ | କେଉଁଝର ବନ୍ୟପ୍ରାଣୀ | ୩ | ୧ | ୧ | ୩ | ୫ | ୧ | ୩ | ୯ |
| ୧୯ | ମାଲକାନଗିରି | ୫ | ୧ | ୧ | ୫ | ୭ | ୫ | ୧୧ | ୨୩ |
| ୨୦ | କଳାହାଣ୍ଡି (ଦକ୍ଷିଣ) | ୬ | ୧ | ୧ | ୬ | ୮ | ୧୦ | ୨୦ | ୩୮ |
| ୨୧ | ନବରଙ୍ଗପୁର | ୬ | ୧ | ୧ | ୬ | ୮ | ୪ | ୯ | ୨୧ |
| ୨୨ | ରେଢାଖୋଲ | ୬ | ୧ | ୧ | ୬ | ୮ | ୪ | ୮ | ୨୦ |
| ୨୩ | ପିଏମୟୁ | | | | | | | | ୪ |
| | **Total** | ୧୧୭ | ୨୧ | ୨୨ | ୧୨୦ | ୧୬୩ | ୮୮ | ୧୮୨ | ୪୩୭ |



# ମନ୍ତବ୍ୟ

# ମନ୍ତବ୍ୟ